# ଚାଷୀଙ୍କ ସ୍ୱାର୍ଥରେ ଆସୁନାହିଁ ଚେକ୍ ଡ୍ୟାମ୍





**କୋକସରା/ଲଡୁଗାଁ, ୨୭।୫(ସମିସ)**

ଚାଷୀଙ୍କ ହିତ ପାଇଁ ଭୂତଳ ଜଳସ୍ତର ନିୟନ୍ତ୍ରଣ ତଥା ମୃତ୍ତିକା ସଂରକ୍ଷଣ ଏବଂ ବୋହି ଯାଉଥିବା ପାଣିକୁ ଉପଯୋଗ କରିବା ପାଇଁ ସରକାରୀ ସ୍ତରରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ଏହାଦ୍ୱାରା କୃଷି କ୍ଷେତ୍ରରେ ଜଳସେଚନର ସୁବିଧା ମିଳିପାରିବ। ହେଲେ ନିର୍ଦ୍ଦିଷ୍ଟ ସ୍ଥାନରେ ଚେକ୍ ଡ୍ୟାମ କରା ନ ଯାଇ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମର୍ଜିରେ ହେଉଥିବାରୁ ତାହା ଚାଷୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି।

କୋକସରା ବ୍ଲକରେ ପ୍ରତି ବର୍ଷ ଚେକ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏପରିକି ପ୍ରତି ପଞ୍ଚାୟତ ମାନଙ୍କରେ ୩ରୁ ୪ଟି ଲେଖାଁଏ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଦେଖିବାକୁ ମିଳୁଛି। କିନ୍ତୁ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଚାଷୀଙ୍କ ପରାମର୍ଶ ନିଆ ଯାଉନାହିଁ। ଉପଯୁକ୍ତ ସ୍ଥାନ ଚିହ୍ନଟ ନ କରି ଠିକାଦାର ତାଙ୍କ ଇଚ୍ଛାରେ ଚେକ୍ ଡ୍ୟାମ ନିର୍ମାଣ କରୁଥିବାରୁ ତାହା ଚାଷୀଙ୍କ କାର୍ଯ୍ୟରେ ଆସୁ ନଥିବା ଅଭିଯୋଗ ହୋଇଛି।

ପାଞ୍ଚରୁ ଦଶ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଚେକ୍ ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ପରିମାଣରେ ଗେଟି, ସିମେଣ୍ଟ ଓ ରଡ ଦେଉ ନ ଥିବାରୁ ନିର୍ମାଣର କିଛି ଦିନ ମଧ୍ୟରେ ଚେକ୍ ଡ୍ୟାମ ଭୁଷୁଡି ପଡୁଥିବା ନଜିର ରହିଛି। ଏଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

● ଧନୁତୀର ମାରି ଯୁବକଙ୍କୁ ହତ୍ୟା ଘଟଣା

## ଜେଲ୍‌ଗଲା ଅଭିଯୁକ୍ତ



**ନୂଆପଡ଼ା/କୋମନା, ୨୭।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ସୁନାବେଡା ଅଭୟାରଣ୍ୟର ଦାତୁନାମା ଗାଁରେ ଧନୁତୀର ମାରି ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଶେଷରେ ଜେଲ୍ ଯିବାକୁ ପଡ଼ିଛି। ଦୁଇ ଦିନର ମାରାଥନ ତଦନ୍ତ ପରେ ସୋମବାର ତା' ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

ଶନିବାର ମଧ୍ୟାହ୍ନ ୨ଟାବେଳେ ଖଡାଙ୍ଗର ରାମଚନ ପହରିଆ (୩୦) ନାମକ ଜଣେ ଯୁବକ ଦାତୁନାମା ଆସି ଗାଁକୁ ଆସିଥିଲେ। ଅଭିଯୁକ୍ତ ଜଳାରାମ ପହରିଆଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଳାରାମ ଧନୁତୀର ମାରି ରାମଚନଙ୍କୁ ହତ୍ୟା କରିଥିଲା। ଅଭିଯୋଗ ପେର କୋମନା ପୁଲିସ ଅଭିଯୁକ୍ତ ଜଳାରାମକୁ ଗିରଫ କରବା ସହ ତା'ଠୁ ଧନୁତୀର ଜବତ କରିଥିଲା। ଏହାକୁ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏହାକୁ ନେଇ ସ୍ୱତନ୍ତ୍ର ପୁଲିସ ଦଳ ରବିବାର ପୁଣିଥରେ ସୁନାବେଡା ଯାଇ ସରଜମିନ ତଦନ୍ତ କରିଥିଲା। ସୋମବାର ଜଳାରାମର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ସ୍ଥାନୀୟ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପୁଲିସ ତା ପରୀକ୍ଷା କରାଇଥିଲା। ସନ୍ଧ୍ୟାରେ ତାକୁ କୋମନା ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ଖଡିଆଳ ଉପକାରାଗାର ଯିବାକୁ ପଡ଼ିଛି।

## ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ

**କୋମନା, ୨୭।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଉଦ୍ୟାନବନ୍ଧସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି କୁରେଶ୍ୱର ଗ୍ରାମର ସତ୍ୟବାନ ସଗରିଆ (୪୨)। ସେ ଉଦ୍ୟାନବନ୍ଧ ମାର୍କେଟରୁ କାମ ସାରି ଘରକୁ ଫେରୁଥିବା ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ନୂଆପଡ଼ା ଡାକ୍ତରଖାନା ବାଟରେ ମୃତ୍ୟୁ ଘଟିଥିଲା।

## ସାପ କାମୁଡ଼ାରେ କଲେଜ ଛାତ୍ର ମୃତ

**ଜୟପାଟଣା, ୨୭।୫(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ସର୍ଗିଗୁଡା ନିଜ ମାମୁ ଘରକୁ ଆସିଥିବା ବୋଲେଶ୍ୱର ମାଝୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ବୋଲେଶ୍ୱର ଧର୍ମଗଡ଼ ଥାନା ଅନ୍ତର୍ଗତ ଖୁଟୁଲୁଗୁଡା ତେନ୍ତୁଳିପଡ଼ା ଗାଁର ଅଟନ୍ତି। ଧର୍ମଗଡ଼ ପଞ୍ଚାୟତ କଲେଜରେ ଯୁକ୍ତ ଦୁଇ ବାଣିଜ୍ୟର ଛାତ୍ର ଥିବା ସହ ସୋମବାର ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଭଲ ନମ୍ବର ରଖି ପାସ କରିଛନ୍ତି। ସେ ସର୍ଗିଗୁଡା ନିଜ ମାମୁ ଘରକୁ ଆସିଥିଲେ। ମଙ୍ଗଳବାର ଭୋର ୪ଟାରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ମାମୁଁ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୋଲେଶ୍ୱରଙ୍କ ବାପା ଭକ୍ତରାମ ମାଝୀ ଓ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚିଥିଲେ। ମା' ବାପା ବୋଲେଶ୍ୱରଙ୍କୁ ଉଚ୍ଚ ଶିକ୍ଷା ଦେବାପାଇଁ ଯେଉଁ ସପ୍ନ ଦେଖୁଥିଲେ ତାହା ସପ୍ନ ହୋଇ ରହିଯାଇଛି। ମା' ବାପାଙ୍କ ଏକମାତ୍ର ପୁଅର ଅକାଳ ମୃତ୍ୟୁରେ ପରିବାର ଲୋକ ହତବାକ୍ ହୋଇପଡ଼ିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ ସଚେତନତା ଶିବିର

**କେସିଙ୍ଗା, ୨୭।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ଅଦାଲତ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ ସଚେତନତା ଆଇନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ୍ ଆଇନ ସେବା ସମିତି ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆବର୍ଜନା ମୁକ୍ତ ପରିବେଶ ଗଠନ ତଥା ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏଥିରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ସନ୍ଦୀପ କୁମାର ବାନାର୍ଜୀ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ କର୍ତ୍ତା ସୌରରଶ୍ମି ନନ୍ଦ, ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ବରିଷ୍ଠ ଆଇନଜୀବୀ ସୁନ୍ଦର ବାବୁ ପାତ୍ର, ସୌମ୍ୟ ରଞ୍ଜନ ମିଶ୍ର, ରଞ୍ଜିତ କୁମାର ଷଡ଼ଙ୍ଗୀ, ଦିନେଶ କୁମାର ଭୋଇ, ମନୋଜ୍ ନାଗ, ଗୁରୁ ପ୍ରସାଦ ବଗର୍ତ୍ତି, ହରିପ୍ରସାଦ ତାଣ୍ଡି, ଅକ୍ଷୟ କୁମାର ପାତ୍ର, ନଳିନୀପ୍ରଭା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସାଧାରଣ ଜନତା, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




## ଚଳନା ବରଦେଶ୍ୱର ବାବାଙ୍କ ବିବାହ ପାଇଁ ଦେବ ନିମନ୍ତ୍ରଣ



**ସିନାପାଲି/ହାତୀବନ୍ଧା, ୨୭।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଳନା ବରଦେଶ୍ୱର ମହାଦେବଙ୍କ ବିବାହ ତଥା ଶୀତଳ ଷଷ୍ଠୀ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏହି ଅବସରରେ ଦେବ ନିମନ୍ତ୍ରଣ କରାଯାଇଛି। ଗାଁ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ନିମନ୍ତ୍ରଣ କରାଯାଇଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ନିବାସୀ ବିବେକ ରାଉତ ଓ ଅର୍ଚ୍ଚନା ରାଉତ ବାବା ବରଦେଶ୍ୱରଙ୍କ ପିତା ମାତା ହେବାର ସୌଭାଗ୍ୟ ପରାଇଛନ୍ତି। ସେହିଭଳି ନୂଆପଡ଼ା ଜିଲ୍ଲା ନୀଳଜି ନିବାସୀ ନବକୃଷ୍ଣ ପ୍ରଧାନ ଓ ପଙ୍କଜିନୀ ରାଉତ ମା' ପାର୍ବତୀଙ୍କ ପିତା ମାତା ହେବାର ସୌଭାଗ୍ୟ ପାଇଛନ୍ତି।

## ମାଟ୍ରିକ ପରୀକ୍ଷାରେ ନୀଶିତ୍ କେସିଙ୍ଗା ବ୍ଲକ ଟପ୍ପର



**କେସିଙ୍ଗା, ୨୭।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କେସିଙ୍ଗା ବ୍ଲକରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେସିଙ୍ଗାର ନୀଶିତ ପୋଢ଼ ୫୨୮ ନମ୍ବର (୮୮ ପ୍ରତିଶତ) ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହି ସ୍କୁଲର ବିନାୟକ ବିରତିୟା ୫୨୭ (୮୭.୮୩ ପ୍ରତିଶତ) ନମ୍ବର ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଦୁହିଁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଚମେଲୀ ଦେବୀ କଲେଜର ଯୁକ୍ତଦୁଇ ପାସ୍‌ହାର ୮୫ ପ୍ରତିଶତ

**ଜୁନାଗଡ଼, ୨୭।୫(ସମିସ):** ଜୁନାଗଡ଼ସ୍ଥିତ ଚମେଲୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ନିୟମିତ ପରୀକ୍ଷାର୍ଥୀଙ୍କ ପାଶ୍ ହାର ୮୭ ପ୍ରତିଶତ ହୋଇଛି। ଏକ୍ସ ରେଗୁଲାରଙ୍କ ପାସ ହାର ଶତପ୍ରତିଶତ ରହିଛି। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧୮ ଜଣ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୮ ଜଣ ଓ ତୃତୀୟ ଶ୍ରେଣୀରେ ୮୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ଯମୁନା ବିଶ୍ୱାଳ ୪୧୩ ନମ୍ବର ଓ ଦମୟନ୍ତୀ ମେହେର୍ ୩୯୮ ନମ୍ବର ରଖି ତାଲିକାର ଶୀର୍ଷରେ ରହିଛନ୍ତି। ସମସ୍ତ କୃତୀ ଛାତ୍ରୀଙ୍କୁ କଲେଜର ପ୍ରତିଷ୍ଠାତା ସଦସ୍ୟ ଲାୟନ ମାଣିକ ଚାନ୍ଦ ଅଗ୍ରୱାଲ, ଅଧ୍ୟକ୍ଷା ପ୍ରୀୟମଞ୍ଜରୀ ପଣ୍ଡା, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଅଭିନନ୍ଦନ ଜଣାଇଛନ୍ତି।

## ଗଛକୁ ପିଟିଲା ବାଇକ୍; ଜଣେ ଗୁରୁତର

**କୋମନା, ୨୭।୫(ସମିସ):** କୋମନା ବ୍ଲକ ଡୋଙ୍ଗରୀପାଲିରେ ଗୋଟିଏ ଗଛକୁ ଏକ ବାଇକ୍ ପିଟିଛି। ବାଇକ୍ ଆରୋହୀ କାଲିମାଟିର ଦିଗମ ମାଝୀ(୨୮) ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଶକ୍ତ ଆଘାତ ଲାଗିଛି। ତାଙ୍କୁ ପ୍ରଥମେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ପ୍ରକାଶଯୋଗ୍ୟ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢୁଛି। ଏଥିରେ ଲୋକେ ମୃତାହତ ହେବା ସହ ଧନଜୀବନ ମଧ୍ୟ ନଷ୍ଟ ହେଉଛି। କେତେକ କ୍ଷେତ୍ରରେ ଲୋକେ ସାରାଜୀବନ ପଙ୍ଗୁ ହୋଇଯିବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ପରିବାର ମଧ୍ୟ ଉଜୁଡ଼ି ଯାଉଛି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିକୁ ହରାଇ ସଦସ୍ୟ ବେସାହାରା ହୋଇପଡ଼ିଛନ୍ତି।

ଏହାସତ୍ତ୍ୱେ ବେଫିକର ଗାଡ଼ିଚାଳନା କମୁନାହିଁ। ଦୁଇଚକିଆ ଗାଡ଼ିଚାଳନା ବେଳେ ଲୋକେ ହେଲ୍‌ମେଟ୍ ପିନ୍ଧୁନାହାନ୍ତି। ସେହିଭଳି କାର୍ ଚାଳନା ବେଳେ ମଧ୍ୟ ବେଲ୍ଟ ପିନ୍ଧୁନାହାନ୍ତି। ମଦ୍ୟପାନ ଓ ମୋବାଇଲ୍‌ରେ କଥାବାର୍ତ୍ତା ଯୋଗୁ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଛି।

## ଗଞ୍ଜେଇ ଗଛ ଉଭାନ, ପ୍ରଶାସନ ପାଖରେ ଖବର ନାହିଁ

‘ସକାଳ’ ପ୍ରଭାବ

**କଲମପୁର, ୨୭।୫(ସମିସ):** କଲମପୁର କଲ୍ୟାଣ ମଣ୍ଡପ ସମ୍ମୁଖରେ ଗଞ୍ଜେଇ ଗଛ, ପ୍ରଶାସନ ନିଦାବିଷ୍ଟ ଶୀର୍ଷକ ଖବର ଦୈନିକ ‘ସକାଳ’ରେ ଖବର ପ୍ରକାଶ ପରେ ଉକ୍ତ ସ୍ଥାନରୁ ଏବେ ଗଞ୍ଜେଇ ଗଛ ଉଭାନ ହୋଇ ଯାଇଛି। ଏପରିକି ତା'ର ଚିହ୍ନ ବର୍ଣ୍ଣ ମଧ୍ୟ ସେଠାରେ ଦେଖିବାକୁ ମିଳୁନାହିଁ। ତେବେ ଏହି ଗଞ୍ଜେଇ ଗଛକୁ କିଏ ନେଲା ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାୟ ୫ଫୁଟ ଉଚ୍ଚତାର ଏହି ଗଛ ଦୀର୍ଘ ଦିନ ଧରି ସେଠାରେ ଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନ ଥିଲା। ସର୍ବସାଧାରଣ ବ୍ୟବହୃତ ସ୍ଥାନ ଓ ସେଠାକୁ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କର ଚଳପ୍ରଚଳ ହେଉଥିଲା। ଏହି କଲ୍ୟାଣମଣ୍ଡପ ପରିଚାଳନା ଦାୟିତ୍ୱ ବ୍ଲକ ପ୍ରଶାସନ ହାତରେ ରହିଛି। ଅଥଚ ସେଠାରେ ଗଞ୍ଜେଇ ଗଛ ଉଠିଥିବା କାହାରି ନଜରକୁ ଆସୁ ନ ଥିଲା। କିଛି ଗ୍ରାମବାସୀ ଏ ସମ୍ପର୍କରେ ଜଣାଇବାରେ ଗତ ୨୫ ତାରିଖରେ ଏହି ଖବର ‘ସକାଳ’ରେ ପ୍ରକାଶ ପାଇଥିଲା।



## ଟୋଲ୍ ଛାଡ଼ ଦାବିରେ କେସିଙ୍ଗା ବିକାଶ ମଞ୍ଚର ଆନ୍ଦୋଳନ ସଜବାଜ



**କେସିଙ୍ଗା, ୨୭।୫(ସମିସ):** ପ୍ରାୟ ୬ ମାସ ହେଲାଣି ଜିଲ୍ଲାର ପ୍ରଥମ ଟୋଲ ଗେଟ ସମ୍ପ୍ରତି କେସିଙ୍ଗା ବ୍ଲକ ନୁନମାଠ ଠାରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଜାତୀୟ ରାଜପଥ ପ୍ରାଧୀକରଣ ପକ୍ଷରୁ ଗାଡ଼ି ମଟରଠାରୁ ଟୋଲ ଟ୍ୟାକ୍ସ ସଂଗ୍ରହ କରାଯାଉଛି। ତେବେ ଅଞ୍ଚଳବାସୀଙ୍କ ପାଇଁ ଟୋଲ୍ ଛାଡ଼ ନିମନ୍ତେ ଦାବି ହୋଇ ଆସିଛି। ଅଞ୍ଚଳ ବାସୀ ଏନେଇ ଏକାଧିକ ବୈଠକ କରି ସାରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ ଏପରିକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଗତ ଦିନରେ ସ୍ଥାନୀୟ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଟୋଲ ଟ୍ୟାକ୍ସ ସଂଗ୍ରହକାରୀ ଠିକା ସଂସ୍ଥାର ପଦସ୍ଥ ଅଧିକାରୀ, କେସିଙ୍ଗା ବିକାଶ ମଞ୍ଚର ସଦସ୍ୟ, ଅଞ୍ଚଳର ବୁଦ୍ଧିଜୀବୀ, କେସିଙ୍ଗା ସାମ୍ବାଦିକ ମହାସଂଘ, ବିଭିନ୍ନ ଗାଡ଼ି ମଟର ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ସ୍ଥାନୀୟ ବ୍ଲକ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ପରେ ଆଉ ଗୋଟିଏ ବୈଠକ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ନିର୍ବାଚନ ଆଚରଣବିଧି ପାଇଁ ତାହା ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ନିର୍ବାଚନ ସରିଯାଇ ଥିବାରୁ ଆଉ ଥରେ ବୈଠକ ଡକାଯାଇ ସମସ୍ୟାର ଅତି ଶୀଘ୍ର ସମାଧାନ ପାଇଁ କେସିଙ୍ଗା ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ପ୍ରଶାସନ ସହିତ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଅତି ଶୀଘ୍ର ବୈଠକ ଡ଼ାକି ସମସ୍ୟାର ସମାଧାନ କରି ଅଞ୍ଚଳବାସୀଙ୍କୁ ଟୋଲ ଟିକସ ଛାଡ଼ କରିବା ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିରାଟ ଜନ ଆନ୍ଦୋଳନ କରି ଟୋଲ ଗେଟକୁ ଅକାମୀ କରିଦିଆଯିବ ବୋଲି ବିକାଶ ମଞ୍ଚପକ୍ଷରୁ ଚେତାବନୀ ଦିଆଯାଇଛି। ନୁନମାଠ ଠାରେ ରବିବାର ସ୍ଥାନୀୟ ସରପଞ୍ଚ, ବିକାଶ ମଞ୍ଚର ସଦସ୍ୟ ଓ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ରଣନୀତି ପାଇଁ ପ୍ରସ୍ତୁତି କରାଯାଇଛି।

ସିଏଚ୍‌ଏସ୍‌ଇ ଯୁକ୍ତଦୁଇ କଳା ଓ ବାଣିଜ୍ୟ ପରୀକ୍ଷା ଫଳ

## ବାଣିଜ୍ୟରେ ଈଶାନେଶ୍ୱର ଓ କଳାରେ ସୁହାନୀ ଜିଲ୍ଲା ଟପ୍ପର

**ଭବାନୀପାଟଣା, ୨୭।୫(ସମିସ)**

ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣର ପ୍ରୟୋଗଶାଳା ତଥା ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରଗତି କଲେଜ ପୁଣି ଏକ ରେକର୍ଡ ସୃଷ୍ଟି କରିଛି। ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ (ସିଏଚଏସଇ) ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରସ୍ଥିତ ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଈଶାନେଶ୍ୱର ନେଗୀ ୫୪୬ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ବୈଶାଖୀ ମେହେର ୫୪୩ ନମ୍ବର, ସୁଜିତ କୁମାର ସାହୁ ୫୪୦ ନମ୍ବର ସହ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କାଶିବାହାଲର ଭବାନୀ ଶଙ୍କର ନେଗୀ ଓ ମହେଶ୍ୱତା ନେଗୀଙ୍କର ସୁପୁତ୍ର ଈଶାନେଶ୍ୱର ଅଟନ୍ତି। ସେହିପରି ବୈଶାଖୀ ମେହେର ହେଉଛନ୍ତି ସିନାପାଲି ବ୍ଲକ ଅନ୍ତର୍ଗତ କପିଆ ଗ୍ରାମର ହରବରିଆ ମେହେର ଓ ପାଞ୍ଚାଳୀ ମେହେରଙ୍କ ସୁପୁତ୍ର। ଏହା ସହ ସୁଜିତ କୁମାର ସାହୁ ନର୍ଲା ବ୍ଲକ ଅନ୍ତର୍ଗତ ମୁଣ୍ଡାପଲା ଗ୍ରାମର ଟଂକୁ ସାହୁ ଓ ସୁଷମା ସାହୁଙ୍କ ସୁପତ୍ର ଅଟନ୍ତି। ଚଳିତ ବର୍ଷ ପ୍ରଗତି କଲେଜର ପରୀକ୍ଷା ଫଳ ଶତପ୍ରତିଶତ ରହିଛି। ଶିକ୍ଷାନୁଷ୍ଠାନର ୨୭ ଜଣ ଛାତ୍ରଛାତ୍ରୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୪୯ ଜଣ ଓ ୨୬୩ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଫଳାଫଳକୁ ନେଇ କଲେଜର ଚେୟାରପର୍ସନ ସୁଶ୍ରୀ ସଂଗୀତା ପଣ୍ଡା ଓ ସମ୍ପାଦକ ଅଜୟ କୁମାର ପଣ୍ଡା ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।





ସେହିଭଳି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟକୁ ଅଭୂତପୂର୍ବ ସଫଳତା ମିଳିଛି। ଉକ୍ତ ମହାବିଦ୍ୟାଳୟର ଛାତ୍ରୀ ସୁହାନୀ ଚଲାନ ୫୪୧ ନମ୍ବର ରଖି ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲା ତଥା ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୁହାନୀ ଭବାନୀପାଟଣା ଅନ୍ତର୍ଗତ ହିଲ୍ ଟାଉନ୍‌ର ତ୍ରିଲୋଚନ ଚଲାନ ଓ ରୁକୁଣି ଚଲାନଙ୍କର ସୁପୁତ୍ରୀ। ତେବେ ଏଠାରେ କୁହାଯାଇପାରେ ଶିକ୍ଷାନୁଷ୍ଠାନର ପାରିପାର୍ଶ୍ୱିକ ଉନ୍ନତି, ମହାବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକ୍ରମ ଏବଂ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ନିଷ୍ଠାପର ଉଦ୍ୟମ ସଫଳତାର ପ୍ରମୁଖ କାରଣ ହୋଇଛି। ସୁସ୍ଥ ମନରେ ପାଠ ପଢ଼ିବା ପାଇଁ ଅନୁଷ୍ଠାନଟି ସୁବ୍ୟବସ୍ଥିତ ଢଙ୍ଗରେ ଗତି କରିଥିବା ମଧ୍ୟ ଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି କରିପାରିଛି। ଏହି ମହାବିଦ୍ୟାଳୟର କଳା ବିଭାଗରେ ୧୯୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୪ ଜଣ କୃତିତ୍ୱ ହାସଲ କରିଛନ୍ତି। ସେଥି ମଧ୍ୟରୁ ୪୮ ଜଣ ପ୍ରଥମ, ୩୯ ଜଣ ଦ୍ୱିତୀୟ ଓ ୮୭ ଜଣ ତୃତୀୟ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ମହାବିଦ୍ୟାଳୟର ପାସ୍ ହାର ୮୭ ପ୍ରତିଶତ ହୋଇଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବଲାଙ୍ଗିରରେ ସରିଲା ହାତୀ ଗଣନା

# ସଇଁନ୍ତଳା ଓ ଲୋଇସିଂହା ରେଞ୍ଜରେ ହାତୀଙ୍କ ଉପସ୍ଥିତି

**ବଲାଙ୍ଗିର, ୨୭ ।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ଚାଲିଛି ହାତୀ ଗଣନା। ହାତୀ ଗଣନାର ସ୍ୱଷ୍ଟ ରିପୋର୍ଟ ଆସି ନ ଥିବା ବେଳେ ବର୍ତ୍ତମାନ ସମୟରେ ଜିଲ୍ଲାରେ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୧୫ ଟି ହାତୀ ରହିଥିବାର ସୂଚନା ମିଳୁଛି। ଜିଲ୍ଲାର ଲୋଇସିଂହା ଓ ସଇଁନ୍ତଳା ରେଞ୍ଜରେ ବର୍ତ୍ତମାନ ହାତୀ ଥିବା ଜଣାପଡ଼ିଥିବାବେଳେ ପ୍ରଥମ ଥର ପାଇଁ ସଇଁନ୍ତଳା ରେଞ୍ଜରେ ହାତୀପଲ ପ୍ରବେଶ କରିଥିବାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ପ୍ରଚଣ୍ଡଖରା ଓ ଜଳାଭାବ ଯୋଗୁ ଏହି ହାତୀପଲ ସନ୍ଧ୍ୟାସମୟରେ ଗାଁ ନିକଟକୁ ଚାଲିଆସୁଥିବା ଅଭିଯୋଗ ହୋଇଛି। ଦୁଇଟି ସ୍ଥାନରେ ଥିବା ଏହି ୧୫ ହାତୀ ମଧ୍ୟରେ ପ୍ରାୟ ୫ ଟି ହାତୀ ଶାବକ ରହିଥିବା ମଧ୍ୟ ଜଣାପଡ଼ିଛି। ଏହି ହାତୀମାନଙ୍କ ସୁରକ୍ଷା ଏବେ ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ବଲାଙ୍ଗିର ଜିଲ୍ଲାର ବିଭିନ୍ନ ରେଞ୍ଜରେ ଅନେକ ସମୟରେ ହାତୀ ମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ବିଶେଷ କରି ଖରିଫ ଧାନ ଅମଳ ସମୟରେ ହାତୀମାନଙ୍କ ଉତ୍ପାତ ସାମ୍ନାକୁ ଆସିଥାଏ। ବର୍ତ୍ତମାନ ହାତୀ ଗଣନା ଜିଲ୍ଲାରେ ଶେଷ ହୋଇଛି। ଗତ କିଛି ଦିନ ଭିତରେ ଜିଲ୍ଲାରେ ପ୍ରାୟ ୧୫ ଟି ହାତୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଏକ ୧୨ ଟିକିଆ ହାତୀପଲ ରବିବାର ସଇଁନ୍ତଳା ରେଞ୍ଜରେ ଦେଖିବାକୁ ମିଳିଥିଲା। ଏହି ରେଞ୍ଜ ଅଧୀନସ୍ଥ ସୁଲିଆ ସଂରକ୍ଷିତ ଜଙ୍ଗଲ ରୁଣ୍ଡିମହୁଲ ନିକଟରେ ଏହି ହାତୀପଲକୁ ବନ ବିଭାଗ ଠାବ କରିଥିଲା। ତେବେ ସଇଁନ୍ତଳା ରେଞ୍ଜରେ ପୂର୍ବରୁ କେବେ ହାତୀ ଉପସ୍ଥିତି ନ ଥିବାବେଳେ ଚଳିତ ବର୍ଷ ପ୍ରଥମଥର ପାଇଁ ଏହି ରେଞ୍ଜକୁ ହାତୀ ପ୍ରବେଶ କରିଛି। ବଲାଙ୍ଗିର ସଦର ରେଞ୍ଜ ଆଠଗାଁ ସେକ୍ସନ ଅଞ୍ଚଳରୁ ଏହି ହାତୀପଲ ଦେଓଗାଁ ରେଞ୍ଜ ଦେଇ ସଇଁନ୍ତଳାକୁ ପ୍ରବେଶ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ଉକ୍ତ ଅଞ୍ଚଳରେ ଏହି ହାତୀପଲ ଯାତାୟାତ କରୁଥିବାବେଳେ ସଂଧ୍ୟା ସମୟରେ ଗାଁ ନିକଟକୁ ଆସୁଥିବା ସୂଚନା ରହିଛି। ଏହି ହାତୀପଲରେ ଦୁଇ ଦନ୍ତା ହାତୀ ଥିବା ବେଳେ ୬ଟି ମାଈ ହାତୀ ରହିଛନ୍ତି। ସେହିପରି ୪ ଟି ହାତୀ ଶାବକ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏକ ତିନି ଟିକିଆ ହାତୀପଲ ଲୋଇସିଂହା ରେଞ୍ଜରେ ମଧ୍ୟ ଦେଖିବାକୁ ମିଳିଛି। ଏହି ହାତୀପଲରେ ଗୋଟିଏ ଦନ୍ତା, ଗୋଟିଏ ମାଈ ହାତୀ ସହ ଗୋଟିଏ ଶାବକ ଥିବା ଜଣାପଡ଼ିଛି। ଗତ କିଛି ଦିନହେଲା ଏହି ତିନି ହାତୀକୁ ଲୋଇସିଂହା ରେଞ୍ଜର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ରବିବାର ଏହି ହାତୀ ମାନଙ୍କୁ ଛେଲିଆ ସଂରକ୍ଷିତ ଜଙ୍ଗଲ ଅମରାମୁଣ୍ଡା ନିକଟରେ ଠାବ କରାଯାଇଥିବା ଜଣାପଡ଼ିଛି। ଏହି ହାତୀ ମାନଙ୍କ ମଧ୍ୟରେ ଶାବକ ସଂଖ୍ୟା ଅଧିକ ରହିଥିବାରୁ ସେମାନଙ୍କ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ଼ପ୍ରଶ୍ନ ହୋଇରହିଛି। ଯଦିଓ ହାତୀ ମାନଙ୍କ ଉତ୍ପାତ କୌଣସି ବି ସ୍ଥାନରେ ଦେଖିବାକୁ ମଳିନାହିଁ ତଥାପି ବର୍ତ୍ତମାନ ରବି ଧାନ ଅମଳ ଓ ପରିବା ଚାଷ ସମୟ ହୋଇଥିବାରୁ ହାତୀ - ମଣିଷ ଲଢେଇର ସମ୍ଭାବନା ମଧ୍ୟ ରହିଛି। ଅପରପକ୍ଷେ ଜିଲ୍ଲାରେ ହାତୀ ଗଣନା ପ୍ରକ୍ରିୟା ଶେଷ ହୋଇଛି। କିନ୍ତୁ ହାତୀ ସଂଖ୍ୟାକୁ ନେଇ କୌଣସି ସ୍ୱଷ୍ଟ ସୂଚନା ନ ଥିବା ବେଳେ ୧୫ ହାତୀ ରହିଥିବା ଜଣାପଡ଼ିଛି। ଗତ ୨୦୧୭ ମସିହାରେ ହୋଇଥିବା ହାତୀ ଗଣନାରେ କିନ୍ତୁ ଜିଲ୍ଲାରେ ଅଧିକ ସଂଖ୍ୟକ ହାତୀ ରହିଥିଲେ। ପ୍ରାୟ ୩୨ ହାତୀ ଜିଲ୍ଲାରେ ରହିଥିବା ବେଳେ ୫ଟି ଦନ୍ତା ହାତୀ, ୨୦ ଟି ମାଈ ହାତୀ, ୪ ଟି ମଧ୍ୟ ବୟସ୍କ ହାତୀ ଓ ୩ ଟି ଶାବକ ରହିଥିଲେ। ବିଶେଷ କରି ସୋନପୁର ଓ ବରଗଡ଼ ଜିଲ୍ଲାରୁ ହାତୀ ମାନେ ବଲାଙ୍ଗିର ଜିଲ୍ଲାରେ ପ୍ରବେଶ କରିଥାନ୍ତି। ଏହି ସଂଖ୍ୟା ଖରିଫ ଧାନ ଅମଳ ସମୟରେ ଅଧିକ ରହିଥାଏ। ତେବେ ଜିଲ୍ଲାରେ ହାତୀ ସୁରକ୍ଷାକୁ ନେଇ ଅନେକ ଅବହେଳା ପ୍ରଦର୍ଶନ କରାଯାଉଥିବା ବେଳେ ଏହି ବନ୍ୟଜନ୍ତୁ ମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

■ ୨୦୧୭ରେ ଥିଲେ ୩୨ ହାତୀ

■ ଚଳିତ ଗଣନାର ଆସିନି ସ୍ୱଷ୍ଟ ରିପୋର୍ଟ, ୧୫ ହାତୀଙ୍କ ଉପସ୍ଥିତି ସୂଚନା

## କୁତୁର୍ଲା ପାକ୍ସରେ ରବି ଧାନମଣ୍ଡି ଉଦ୍‌ଘାଟିତ



**ଦେଓଗାଁ, ୨୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ କତୁର୍ଲା କୃଷି ସେବା ସମବାୟ ସମିତିରେ ଜିଲ୍ଲାର ପ୍ରଥମ ରବିଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପାକ୍ସ ସଭାପତି ନିଳାମ୍ବର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡିଆରସିଏସ ଦମୟନ୍ତୀ ସିଂ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସହକାରୀ ସମବାୟ ଉପ ନିବନ୍ଧକ ଗାବ୍ରିଏଲ ସୋରେନ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଏସ୍‌ଆରସିଏସ୍ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପାକ୍ସରେ ମୋଟ ୧୪୨ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ସନ୍ତୋଷ କୁମାର ପଧାନ, ପ୍ରମୋଦ କୁମାର ପଧାନ ଓ ନିତ୍ୟାନନ୍ଦ ବାଗ ପ୍ରମୁଖଙ୍କ ଠାରୁ ୧୦୮.୩୬ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିଲା।

## ଦୋକାନ ପୋଡ଼ି ଘଟଣାରେ ଜଣେ ଗିରଫ

**ଟିଟିଲାଗଡ଼/ବଲାଙ୍ଗିର, ୨୭ ।୫(ସମିସ):** ଟିଟିଲାଗଡ଼ ପୁଲିସଷ୍ଟେସନ ନିକଟ ଓଭର ବ୍ରିଜ ତଳେ ଥିବା ଉଠା ଦୋକାନଗୁଡିକରେ ନିଆଁ ଲାଗିବା ଘଟଣାରେ ପିଲସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହରିୟଣାର ରାକେଶ କୁମାର।



ସୂଚନା ଅନୁସାରେ, ଗତ ୨୫ ତାରିଖରେ ହୋଇଥିବା ଅଗ୍ନିକାଣ୍ଡରେ ପ୍ରାୟ ୧୭ ଟି ଉଠା ଦୋକାନ ପୋଡ଼ି ନାରଖାର ହୋଇଯାଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ଲୋକେ ଏହାକୁ କୌଣସି ଲୋକଙ୍କ ଚକ୍ରାନ୍ତ ବୋଲି ଅଭିଯୋଗ କରିଥିଲେ। ଟିଟିଲାଗଡ଼ ପୁଲିସ୍ ଏ ସମ୍ପର୍କରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ସୋମବାର ଟିଟିଲାଗଡ଼ ପୁଲିସ୍ ଜଣେ ବ୍ୟକ୍ତିକୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ହରିୟଣାର ରାକେଶ କୁମାର। ବିଡି ଟାଣି ଅସାବଧାନତାବଶତଃ ଦୋକାନରେ ପକାଇ ଦେଇଥିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ଦେଇଛି ପୁଲିସ।

## ଜରାସିଂହାରେ ସତ୍ୟସାଇ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର




**ଦେଓଗାଁ, ୨୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହାସ୍ଥିତ ସତ୍ୟସାଇ ବିହାରଠାରେ ସ୍ଥାନୀୟ ସତ୍ୟସାଇ ସେବା ସମିତି ଓ ସଇଁନ୍ତଳା ସମିତି ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୭ ଜଣ ଶ୍ରଦ୍ଧାଳୁଭକ୍ତ ସ୍ୱେଚ୍ଛାକୃତ ଭାବେ ରକ୍ତାଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜରାସିଂହା ସମିତିର ଆବାହକ ଗୋବିନ୍ଦ ମେହେର ଓ ସଇଁନ୍ତଳା ସମିତିର ଆବାହକ ନଗେନ୍ଦ୍ର କୁମାର ବସ୍ତିଆ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସେବା ସଂଯୋଜକ ରମେଶ କୁମାର ମହାକୁର, ମନିଷ ମେହେର, ପ୍ରଦୀପ କୁମାର ତ୍ରିପାଠୀ, ଜନକ ମେହେର, କୃଷ୍ଣ କୁମାର ସାହୁ, ଶରତ କୁମାର ପୁଟେଲ, ରାଜୁ ପୁଟେଲ, ପୁଷ୍ପାଞ୍ଜଳି ମେହେର, ବୃହସ୍ପତି ପୁଟେଲ, ବିନ୍ଦୁସାଗର ମେହେର, ରାଜେଶ ବେହେରା ତଥା କର୍ମକର୍ତ୍ତା ସହଯୋଗ କରିଥିଲେ।

## ଡ୍ୟାନ୍ସିଂ ଷ୍ଟାର୍ ଏକାଡେମୀର ୱାର୍କସପ୍ ଉଦ୍‌ଯାପିତ




**ଟିଟିଲାଗଡ଼, ୨୭ ।୫(ସମିସ):** ଡ୍ୟାନ୍ସିଂ ଷ୍ଟାର୍ ଏକାଡେମୀ ବଡ଼ମାଲ ଶାଖା ପକ୍ଷରୁ ବଡ଼ମାଲ ଗୋଳାବାରୁଦ କାରଖାନାର ଜୁନିୟର ଷ୍ଟାଫ୍ କ୍ଲବ୍‌ଠାରେ ଗ୍ରୀଷ୍ମକାଳୀନ ୱାର୍କଶପ୍ ଉଦ୍‌ଯାପିତ ହୋଇଛି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଉପାଧି ବିଜେତା ଏକାଡେମୀର ନିର୍ଦ୍ଦେଶିକା ଶୁଭାଦର୍ଶନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୫ ଦିବସୀୟ ୱାର୍କଶପ୍‌ରେ ନୃତ୍ୟ, ପ୍ରସାଧନ(ମକେଅପ୍) ସଙ୍ଗୀତ, କଳା ଓ ଶିଳ୍ପ, କରାଟେ ଏବଂ ଖେଳର ତାଲିମ ପ୍ରଦାନ କରାଯାଇଥିଲା। ନୃତ୍ୟରେ ଶୁଭାଦର୍ଶିନୀ, ସଙ୍ଗୀତରେ ସୁବଳ ତାଣ୍ଡି, ପ୍ରସାଧାନରେ ଆନ୍ତର୍ଜାତୀୟ ମକେଅପ୍ ଅର୍ଟିଷ୍ଟ ସ୍ନିଗ୍ଧା ପାଢ଼ୀ, କଳା ଓ ଶିଳ୍ପରେ ଶ୍ରୀକ୍ଷେତ୍ର ତାଣ୍ଡି, କରାଟେରେ ଜିତୁ ପୁଷ୍ଟି ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବଡ଼ମାଲ ଗୋଳାବାରୁଦ କାରଖାନା ମହିଳା କଲ୍ୟାଣ ସଭାପତି ଈପ୍‌ସିତା ଦାଶ ମୁଖ୍ୟ ଅତିଥି ଏବଂ ସମ୍ପାଦିକା ଏମ ରେଣୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏକାଡେମୀର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ।

## ବାଙ୍କେଲ ଶିଶୁମନ୍ଦିରରେ ପ୍ରଶିକ୍ଷଣ ଶିବିର

**ମୁରିବାହାଲ, ୨୭ ।୫(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଧୀନ ବାଙ୍କେଲ ଉଚ୍ଚବିଦ୍ୟାଳୟଠାରେ ସମଲେଶ୍ୱରୀ ଶିଶୁମନ୍ଦିର ବାଙ୍କେଲ ଆନୁକୂଲ୍ୟରେ ସାମୂହିକ ପ୍ରଶିକ୍ଷଣବର୍ଗ ୨୦୨୪-୨୫ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ସମଲେଶ୍ୱରୀ ଶିଶୁମନ୍ଦିରର ମୋଟ ୮୬ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷଣ ନେଇଥିଲେ। ଜିଲ୍ଲା ସଂଯୋଜକ କୃପା ପୁଟେଲଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସମଲେଶ୍ୱରୀ ଶିକ୍ଷା ଓ ସେବାସଂସ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ଘନଶ୍ୟାମ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମଲେଶ୍ୱରୀ ଶିଶୁମନ୍ଦିର ବାଙ୍କେଲ ସଭାପତି ପୂର୍ଣ୍ଣଚନ୍ଦ୍ର ପୁଟେଲ, ସମଲେଶ୍ୱରୀ ଶିଶୁମନ୍ଦିର ମନହିରା ସମ୍ପାଦକ ମକାରୁ ଗଡ଼ତ୍ୟା ଓ କୁରୁଲ ପ୍ରଧାନ, ଆଚାର୍ଯ୍ୟ ଭକ୍ତରାମ ପୁଟେଲ ଅତିଥିଭାବେ ଯୋଗଦେଇ ଥିଲେ। ବାଙ୍କେଲ ସମଲେଶ୍ୱରୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଲେଖ ସାହୁ, ସହପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପାଣ୍ଡେଙ୍କ ସମେତ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।



## ଝାରମୁଣ୍ଡା ଆଥ୍‌ଲେଟିକ୍ ଆସୋସିଏସନର ବାର୍ଷିକ ଉତ୍ସବ



**ଲୋଇସିଂହା, ୨୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥ୍‌ଲେଟିକ କ୍ଲବ ପରିସରରେ ଆସୋସିଏସନର ୩୩ ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟରେ ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ପରିଚିତ ଥିବା ପ୍ରଧାନ ଶିକ୍ଷକ ଦ୍ୱାଦଶ ପଧାନ ଯୋଗଦେଇଥିଲେ। କେବଳ କ୍ରୀଡ଼ା କାହିଁକି ସମାଜସେବା କ୍ଷେତ୍ରରେ ମଧ୍ୟ ଆଥଲେଟିକ ଆସୋସିଏସନର କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିମଳ ଚରଣ ହୋତା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଏସ୍‌ଟି ଅଧିକାରୀ ସୁଶୀଳ କୁମାର ମାରପାଚୀ, ପୁଲିସ ଇନ୍ସପେକ୍ଟର ଗଙ୍ଗାଧର ମେହେର, ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଦୁଃଖିଶ୍ୟାମ ମେହେର, କ୍ଲବ୍ ଉପଦେଷ୍ଟା ସଦାନନ୍ଦ ଧରୁଆ ପ୍ରମୁଖ ସମ୍ମାନିତ ଅଧିକାରୀ ଭାବେ ଯୋଗଦେଇଥିଲେ। ଗାଁର ପୁରୁଷ ଓ ମହିଳାମାନେ ନୂଆ ସଦସ୍ୟ ଭାବେ ସଦସ୍ୟତା ଗ୍ରହଣ କରିଥିବା ବେଳେ ଗାଁର ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୁନି ଶିଶୁମାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦୋକାନ ପୋଡ଼ି ମାମଲା

## ସହାୟତାର ପ୍ରତିଶ୍ରୁତି ଦେଲେ ଏସ୍‌ପି ଓ ଉପଜିଲ୍ଲାପାଳ

**ଟିଟିଲାଗଡ଼, ୨୭ ।୫(ସମିସ)**

ସହରର ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ୩୫ ଟି ଦୋକାନରେ ରବିବାର ଭୋର୍ ସମୟରେ ନିଆଁ ଲାଗିଯାଇଥିଲା। ଦୋକାନଗୃହଗୁଡ଼ିକରେ ଥିବା କପଡ଼ା, ଚପଲ, ବ୍ୟାଗ, ଚଷମା, ବେଲ୍ଟ, ପନିପରିବା ଆଦି ପ୍ରାୟ ୫୦ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିଲା। ଏନେଇ ଅନେକ ଗରିବ ଦୋକାନୀ ପରିବାରଙ୍କ ମୁଣ୍ଡରେ ବଜ୍ର ପଡ଼ିବା ପରି ହୋଇଛି। ଘଟଣାକୁ ନେଇ ରବିବାର ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ଅବନୀ ସାହୁ ତଥା ବଲାଙ୍ଗିର ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ସହାୟତାରେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଜୋରଦାର କରିଛନ୍ତି। ଅଗ୍ନିକାଣ୍ଡ ଘଟିଥିବାନିକଟରେ ପୌର ପରିଷଦ ପକ୍ଷରୁ କୌଣସି ସିସିଟିଭି ଖଞ୍ଜା ଯାଇ ନ ଥିବାବେଳେ ପୁଲିସ ଆଖପାଖ ଦୋକାନରେ ଲାଗିଥିବା ସିସିଟିଭି ତାଲାସୀ କରୁଛି। ଅନ୍ୟପକ୍ଷରେ ରବିବାର ରାତିରେ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ଦୋକାନୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଏସ୍‌ପି ଶ୍ରୀ ଖିଲାରୀ ବଲାଙ୍ଗିର ଜିଲ୍ଲାପାଳ ତଥା ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ତେବେ ଗତକାଲି ଦୋକାନୀ ଲିଖିତ ଭାବରେ ଟିଟିଲାଗଡ଼ ତହସିଲଦାରଙ୍କୁ ଅଗ୍ନିକାଣ୍ଡ ସମ୍ପର୍କରେ ଜଣାଇଥିଲେ ସୁଦ୍ଧା କ୍ଷୟକ୍ଷତି ଆକଳନ ନେଇ ଅଦ୍ୟାବଧି ତହସିଲଦାର କିମ୍ବା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ନ ଥିବା ଜଣାଯାଇଛି। ଏନେଇ କ୍ଷତିଗ୍ରସ୍ତ ଦୋକାନୀ ଏମ୍‌ଡି ରହିମ, ଏମ୍‌ଡି ଆସିଫ, କିଶୋର ବଗର୍ତ୍ତୀ, ରାଜେଶ ବର୍ମା, ଜୁମନ ଖାନ, ନାରାୟଣ ବର୍ମା, ଅବଦୁଲ ୱାହିଦ, ଇସ୍ତିହାକ ଖାନ ଏମ୍‌ଡି ଅସଲମ, ଏମ୍‌ଡି ହଜରତ ପରମେଶ୍ୱର ବେହେରା ପ୍ରମୁଖ ଆଜି ପୂର୍ବାହ୍ନରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରୀଙ୍କୁ ସାକ୍ଷାତ ସହ ତୁରନ୍ତ ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି।



# ବିଦ୍ୟୁତ୍ ସମସ୍ୟା ନେଇ ତାତିଲେ ଉପଭୋକ୍ତା



**ଡୁଙ୍ଗୁରିପାଲି, ୨୭ ।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିସ୍ଥିତ ଚେରୁପାଲି ସବଷ୍ଟେସନ ଅଫିସ ଆଗରେ ବିଦ୍ୟୁତ୍ ସମସ୍ୟା ନେଇ ଲୋକେ ଧାରଣା ଦେଇଛନ୍ତି।

ଡୁଙ୍ଗୁରିପାଲି ସହରରେ ଲୋ ଭୋଲଟେଜ୍ ଓ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଧାରଣା ଦିଆଯାଇଥିଲା। ଶେଷରେ ବିଦ୍ୟୁତ୍ ବିଭାଗ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ୨୯ରେ ବିଦ୍ୟୁତ୍ ବିଭାଗ ଏସଡିଓ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଦାବି ମୁତାବକ ସମସ୍ୟାର ସମାଧାନ ନ ନ ହେଲେ ପୁଣି ଆନ୍ଦୋଳନ ଜୋରଦାର୍ ହେବ ବୋଲି ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ଗୋପାଳ ବାରିକ, ମୃତ୍ୟୁଞ୍ଜୟ ମିଶ୍ର, ବିପ୍ରଚରଣ ସାହୁ, ଲବ ପଧାନ, ଜୟନ୍ତ ସେଠି, ପ୍ରଭୁ ଦତ୍ତ ନାଏକ, ଯଦୁମଣି କୁଦେଇ, ଅଶୋକ ଶତପଥୀ, ଜିତେନ୍ଦ୍ର ଗୁରୁ, ଜ୍ୟୋତି ମିଶ୍ର, ଜଗନ୍ନାଥ ମିଶ୍ର, ମହେଶ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଜୀବର୍ଦ୍ଧନ ମହାଲିଙ୍ଗ, ସଞ୍ଜିବ ଡାଙ୍ଗ, ସୁବାସ ଭୋଇ, ଯୋଗେଶ ଅଗ୍ରୱାଲଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

### ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ କେନ୍ଦ୍ର ସରକାରଙ୍କ ଶୋଷଣ

# ବଲାଙ୍ଗୀରକୁ ଛାଡ୍; ସୋନପୁର ସାବତ ପୁଅ

**ସୋନପୁର, ୨୭ ।୫(ସମିସ)**




ବିଭିନ୍ନ ଜିନିଷ ପତ୍ର କିଣା ବିକା ହେଉ କିମ୍ବା ସ୍ୱାସ୍ଥ୍ୟସେବା ପାଇଁ ହେଉ ବିଭିନ୍ନ କାମରେ ବଲାଙ୍ଗିର ଜିଲ୍ଲାକୁ ପ୍ରତ୍ୟହ ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ଲୋକ ଯିବା ଆସିବା କରନ୍ତି। ତେବେ ବଲାଙ୍ଗିର ଯାଉଥିବା ବେଳେ ଠିକ୍ ମଝି ରାସ୍ତାରେ ଥିବା ଟୋଲଗେଟରେ ଟୋଲ୍ ଆଦାୟ ସୋନପୁରବାସୀଙ୍କୁ ଖୁବ୍ ବାଧୁଛି। ଏଠାରେ ଶୀଘ୍ର ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ଟିକସ ଛାଡ଼ ନ ହେଲେ ଆନ୍ଦୋଳନ କରିବା ପାଇଁ ଜିଲ୍ଲାବାସୀ ଧମକ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପାତର ଅନ୍ତର ନୀତିକୁ ସୋନପୁରରେ ବିରୋଧ କରାଯାଇଛି। ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସୋନପୁର-ବଲାଙ୍ଗିର ରାସ୍ତାର ଠିକ୍ ମଧ୍ୟ ଭାଗରେ ଟିକସ୍ ଆଦାୟ ପାଇଁ କେନ୍ଦ୍ର ସରକାର ଏହି ଗେଟ୍ ସ୍ଥାପନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଏହା ସ୍ଥାପିତ ହୋଇଥିଲେ ମଧ୍ୟ ଉଭୟ ଜିଲ୍ଲା ପାଇଁ ସମାନ ନିୟମ ଏଠାରେ ପାଳିତ ହୁଏ ନାହିଁ। ବଲାଙ୍ଗିର ଜିଲ୍ଲାର ଗାଡିକୁ ବିନା ଟିକସ୍‌ରେ ଗେଟ୍ କର୍ମଚାରୀ ଛାଡି ଦେଉଥିବା ବେଳେ ସୋନପୁର ଜିଲ୍ଲାର ଗାଡିରୁ ଜବରଦସ୍ତି ଟିକସ୍ ଆଦାୟ ହେଉଛି। ସୋନପୁର ଜିଲ୍ଲାର ଲୋକଙ୍କ ସାମ୍ନାରେ ବଲାଙ୍ଗିର ଜିଲ୍ଲାର ଗାଡି ଅଚିନ୍ତାରେ ଅତିକ୍ରମ କଲାବେଳେ ସୋନପୁର ଜିଲ୍ଲାବାସୀଙ୍କଠାରୁ ଜୋର ଜୁଲୁମ୍‌ରେ ଟିକସ୍ ଆଦାୟ ହେଉଥିବା ସୋନପୁରବାସୀଙ୍କୁ ଖୁବ୍ ବାଧୁଛି। ଏଭଳିକି ଅତି ଜରୁରୀ ସ୍ୱାସ୍ଥ୍ୟଗତ କାରଣ ପାଇଁ ଭୀମ ଭୋଇ ମେଡିକାଲ କଲେଜକୁ ଘରୋଇ ଗାଡି ଭଡା କରି କେଉଁ ଗରିବ ଲୋକ ରୋଗୀ ନେବା ବେଳେ ମଧ୍ୟ ଜବରଦସ୍ତି ଟିକସ୍ ଆଦାୟ କରାଯାଉଛି। କାଗଜପତ୍ର ଦେଖାଇଲେ ମଧ୍ୟ ଛାଡୁ ନାହାନ୍ତି ଗେଟ୍ କର୍ମଚାରୀ। ବିଭିନ୍ନ ସମୟରେ ଯାତ୍ରୀଙ୍କୁ ଏହି ଗେଟ୍‌ରେ ଦୁର୍ବ୍ୟବହାର ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଏହାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲାରେ ଜନ ଅସନ୍ତୋଷ ତୀବ୍ର ହେବାକୁ ଲାଗିଲାଣି। ଆବଶ୍ୟକ ହେଲେ ଟୋଲଗେଟ ନିକଟରେ ରାସ୍ତାରୋକ କରିବା ପାଇଁ ଧମକ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର କହିଛନ୍ତି ଯେ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ଟୋଲ ଛାଡ ନ କଲେ ତୀବ୍ର ଆନ୍ଦୋଳନ ହେବ।

- ବୈରାସର ଟୋଲ୍ ଗେଟ୍‌ରେ ଦୁଇଟି ଜିଲ୍ଲା ପାଇଁ ଦୁଇଟି ନିୟମ
- ଟୋଲ୍ ଆଦାୟ ବନ୍ଦ ନ ହେଲେ ଆନ୍ଦୋଳନ
- କେନ୍ଦ୍ର ସରକାରଙ୍କ ଅଜବ ନିଷ୍ପତ୍ତି ନେଇ ଅସନ୍ତୋଷ

ଆବଶ୍ୟକ ହେଲେ ଟୋଲଗେଟ ନିକଟରେ ଅଖଚକ ବନ୍ଦ କରାଯିବ। ବରିଷ୍ଠ ସାମ୍ବାଦିକ ପ୍ରକାଶ ବେବର୍ତ୍ତା କହିଛନ୍ତି ଯେ, ବଲାଙ୍ଗିର ସଂସଦୀୟ କ୍ଷେତ୍ର ବଲାଙ୍ଗିର ଓ ସୁବର୍ଣ୍ଣପୁର ଉଭୟ ଜିଲ୍ଲାକୁ ନେଇ ଗଠିତ। ବଲାଙ୍ଗିର ସାଂସଦ ସୁବର୍ଣ୍ଣପୁରର ମଧ୍ୟ ସାଂସଦ। କେନ୍ଦ୍ରର ବିଜେପି ସରକାର ଉଭୟ ଜିଲ୍ଲା ପାଇଁ ସମାନ ନିୟମ ନ କରି ସୁବର୍ଣ୍ଣପୁର ଜିଲ୍ଲାକୁ ସାବତ ପୁଅ ଭଳି ବ୍ୟବହାର କରିବା ନିନ୍ଦନୀୟ। ସୁବର୍ଣ୍ଣପୁର ଜିଲ୍ଲା ସୀମାରେ ଗେଟ୍ ଅବସ୍ଥାପିତ ହୋଇଥିବାରୁ ଏହି ଜିଲ୍ଲାର ଲୋକଙ୍କୁ ମଧ୍ୟ ବିନା ଦେୟରେ ଯାତାୟତ କରିବା ପାଇଁ ଦିଆଯାଉ। ବ୍ୟବସାୟୀ ଗଣେଶ ମହାଲିକ କହିଛନ୍ତି ଯେ, କାମରେ ଆମେ ପ୍ରତ୍ୟେକ ଦିନ ବଲାଙ୍ଗିରକୁ ଯିବା ଆସିବା କରୁ। ବଇରାସର ନିକଟରେ ଥିବା ଟୋଲ୍ ଗେଟ୍‌ରେ ଟ୍ୟାକ୍ସ ଦେଇ ଆମେ ହଇରାଣ ହୋଇ ଯାଉଛି। ତେଣୁ ଯେଉଁ ନିୟମ ହେଉଛି ଉଭୟ ଜିଲ୍ଲା ପାଇଁ ସମାନ ହେଉ। କଂଗ୍ରେସ ନେତା ପ୍ରିୟବ୍ରତ ସାହୁ କହିଛନ୍ତି ଯେ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ କେନ୍ଦ୍ର ସରକାରଙ୍କ ଶୋଷଣକୁ ବରଦାସ୍ତ କରାଯିବ ନାହିଁ। ଆମ ଜିଲ୍ଲାର ଲୋକଙ୍କୁ ଟୋଲ୍ ଗେଟ୍‌ରେ ଟିକସ୍ ଛାଡ ନ ହେଲେ ଆନ୍ଦୋଳନ କରାଯିବ।

## ସାଇକଲ ସହ ୧୮ ହଜାର ଟଙ୍କା ଲୁଟ୍ ମାମଲାର ଅଭିଯୁକ୍ତ କୋର୍ଟଚାଲାଣ

**ବୌଦ୍ଧ, ୨୭ ।୫(ସମିସ):** ବାଉଁଶୁଣୀ ଥାନା ମୁଣ୍ଡିପଦର ଗ୍ରାମ ନିକଟରୁ ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ସାଇକଲ ସହ ୧୮ ହଜାର ଟଙ୍କା ଲୁଟ୍ ଅଭିଯୋଗରେ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ମୁଣ୍ଡିପଦର ପଞ୍ଚାୟତ ଜାଲେଇ ଗ୍ରାମର ସୋମନାଥ ହୋତାଙ୍କଠାରୁ ଏପ୍ରିଲ ୧୫ରେ ମୁଣ୍ଡିପଦର ଗ୍ରାମର ଅଜିତ ଥପା ମୁଣ୍ଡିପଦର ଗ୍ରାମ ନିକଟରୁ ସାଇକେଲ, ୧୮ ହଜାର ଟଙ୍କା ଓ ବ୍ୟାଗ୍‌ରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

## ୧୭ ଦିନ ପରେ ମରାମତି ହେଲା ନଳକୂଅ

**ଶଗଡ଼ା, ୨୭ ।୫:(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ପଞ୍ଚାୟତ କୁର୍ତ୍ତିପାଲି ଗ୍ରାମରେ ଥିବା ନଳକୂଅଟି



ଦୀର୍ଘ ୧୭ଦିନ ପରେ ମରାମତି ହୋଇଛି। ଏହା ଫଳରେ ଗାଁର ୨୫ ପରିବାରର ପାଣି ସମସ୍ୟା ଦୂର ହୋଇଛି। ଏହି ନଳକୂଅର ମରାମତି ଲାଗି ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ; ହେଲେ କେହି ଶୁଣି ନ ଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହାକୁ ବରଗଡ଼ ଜିଲ୍ଲାର ରମେଶ ମେହେର ଏବଂ ବିନୋଜ କନ୍ଧେର ଜଳ ଓ ପରିମଳ ବିଭାଗ ସହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ନଳକୂଅ ମରାମତି କରାଯାଇଛି।

## ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବୌଦ୍ଧ/ହରଭଙ୍ଗା, ୨୭ ।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ବୌଦ୍ଧ ଜିଲ୍ଲାରେ ଏହାରହାର ୯୫.୪୯ ପ୍ରତିଶତ ରହିଛି। ବୌଦ୍ଧ ବ୍ଲକରୁ ୪ଜଣ ଛାତ୍ର ଛାତ୍ରୀ ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶୁଭ୍ରଦୀପ ପ୍ରଧାନ ୫୫୪ମାର୍କ (୯୨.୩୩ ପ୍ରତିଶତ) ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ବହିରା ପଞ୍ଚାୟତ ହାଇସ୍କୁଲର ପଦ୍ମନାଭ ମେହେର ୫୫୨ମାର୍କ (୯୨ପ୍ରତିଶତ) ରଖି ଜିଲ୍ଲାର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବୌଦ୍ଧ ଯୋଗେନ୍ଦ୍ରଦେବ ହାଇସ୍କୁଲର ଛାତ୍ର ପ୍ରେମାନନ୍ଦ ମେହେର ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ମନୀଷାରାଣି ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ୫୪୦ ମାର୍କ (୯୦ପ୍ରତିଶତ) ରଖିଛନ୍ତି। ଏ-୧ଗ୍ରେଡ୍ ପାଇଥିବା ୪ଜଣ ଛାତ୍ରଛାତ୍ରୀଙ୍କୁ ସୋମବାର ଜିଲ୍ଲା ଶିକ୍ଷା ଅଧିକାରୀ ଗେଦେରା କୁଜୁର ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିଜ୍ଞାନ ପରିଦର୍ଶକ ଜୟନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୌଦ୍ଧ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଜିଲ୍ଲା ମାଟ୍ରିକ ଟପ୍ପର ଶୁଭ୍ରଦୀପ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## କଣ୍ଟେନରରୁ ୩ କୁଇଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ

**ସୋନପୁର, ୨୭ ।୫ (ସମିସ):** ସୋନପୁର ପୁଲିସ୍ ଏକ କଣ୍ଟେନର (ଏମ୍‌ପି ୧୮ ଜିଏ ୨୭୩୬)ରୁ ୧୫ ବସ୍ତା ଗଞ୍ଜେଇ ଜବତ କରିଛି; ଯାହାର ଓଜନ ୩ କୁଇଣ୍ଟାଲ ୭୫ କେଜି। ଗାଡ଼ି ଚାଳକ ଓ ଅନ୍ୟ ଜଣେ ଗିରଫ ହୋଇଛନ୍ତି। ଏ ଦୁଇ ଜଣ ହେଲେ ମଧ୍ୟପ୍ରଦେଶର ବିନୋଦ ମାଂଝୀ (୪୫) ଓ ବିଜୟ ଗାଡ୍ଲେ (୨୪)। କଣ୍ଟେନର ଭିତରେ ଲୁହା ରଡ୍ ଥିଲା; ହେଲେ ରଡ୍ ତଳେ





ବସ୍ତା ବସ୍ତା ଗଞ୍ଜେଇ ଲୁଚା ଯାଇଥିଲା। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ଏହା ମଧ୍ୟପ୍ରଦେଶ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ସୋନପୁର ପୁଲିସ ସୂଚନା ପାଇ ଛକି ରହିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଏହି କଣ୍ଟେନରକୁ ଯାଞ୍ଚ କଲାପରେ ସୋନପୁର ପୁଲିସ ଗାଡିକୁ ଜବତ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଯଶ ପ୍ରତାପ ଶ୍ରୀମାଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଏବଂ ସୋନପୁର ଥାନା ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

## ଭ୍ରାମ୍ୟମାଣ ଆଇନ ସଚେତନତା କାର୍ଯ୍ୟକ୍ରମ

**ଜହ୍ନାପଙ୍କ, ୨୭ ।୫(ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ସଚିବ ଶାଶ୍ୱତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକରେ ଭ୍ୟାମମାଣ ଯାନ ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଗାଡି ବୌଦ୍ଧରୁ ବାହାରି ପ୍ରଥମେ ମୁରୁଶୁଣୀ, ବଲାସିଙ୍ଗା, ମର୍ଯ୍ୟାଦପୁର, ମଧୁପୁର, ଖୁଣ୍ଟବନ୍ଧ, ଜହ୍ନାପଙ୍କ, ତେଲିବନ୍ଧ ଆଦି ଗ୍ରାମ ବୁଲିଥିଲା। କେଉଁମାନେ ଏହି ଆଇନ ମାଗଣାରେ ପାଇ ପାରିବେ ଏବଂ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ମିଳୁଥିବା ମାଗଣା ଆଇନସେବା ଉପରେ ସଚେତନ କରାଯାଇଥିଲା।



## ରଥଯାତ୍ରା ପାଳନ ପାଇଁ ପ୍ରସ୍ତୁତି

**ବୌଦ୍ଧ, ୨୭ ।୫(ସମିସ):** ବୌଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୌଦ୍ଧ ଏନଏସି ଅଧ୍ୟକ୍ଷ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟ ଯୋଗ ଦେଇଥିଲେ। ଠାକୁରଙ୍କ ଦେବସ୍ନାନ, ଅଣସର, ନବ ଯୌବନ ଦର୍ଶନ, ପହଣ୍ଡି, ମାଉସୀମା ମନ୍ଦିରରେ ନୀତିକାନ୍ତି ଓ ବାହୁଡା ଯାତ୍ରା ଇତ୍ୟାଦି କିଭଳି ସମ୍ପନ୍ନ ହେବ ସେ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା।

## ଶିଶୁ ସାଜିଲେ ସାମ୍ବାଦିକ



**ବାଉଁଶୁଣି, ୨୭ ।୫ (ସମିସ):** ସ୍ଥାନୀୟ ଓଆଇସିଡିଏ ସମ୍ମିଳନୀ ଗୃହରେ ଶିଶୁ ସାମ୍ବାଦିକ ଶୀର୍ଷକ ଏକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମନୁପାଲି, ଖଲିଆପାଲି ଏବଂ କସୁରବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୩୦ ଜଣ ଶିଶୁ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ବରିଷ୍ଠ ସାମ୍ବାଦିକ ଦିବ୍ୟଶଙ୍କର ରାଉତ ଯୋଗଦେଇ ଶିଶୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର କୃଷ୍ଣଚନ୍ଦ୍ର ମହନ୍ତ, କେଶବ ଜେନା, କୀଶୋର ଦେହୁରୀ, ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଲଘୁ ଖଣିଜ ଉପରେ ପ୍ରଶାସନର ରୋକ୍ ନାହିଁ

# ବାଲିଘାଟ ନିଲାମ କେବଳ ପ୍ରହସନ





**ହରଭଙ୍ଗା, ୨୭ ।୫(ସମିସ)**

ସରକାର ଲଘୁ ଖଣିଜ ଉପରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି। ଏଥିପାଇଁ ପ୍ରତି ଜିଲ୍ଲାରେ ଲଘୁ ଖଣିଜ ବା ମାଇନ୍ସ କାର୍ଯ୍ୟାଳୟ

- ମାଫିଆ ଓ ବିଭାଗୀୟ ଅଧିକାରୀ ମାଲେମାଲ
- ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର

ରହିଛି; କିନ୍ତୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାଫିଆଙ୍କ ସହ ଭିତିରି ସମ୍ପର୍କ ରଖିବା ଯୋଗୁଁ ସରକାର ଏହି ରାଜସ୍ୱ ହରାଉଛନ୍ତି। ବୌଦ୍ଧ ଜିଲ୍ଲାରେ ଏହାର ବାସ୍ତବ ଚିତ୍ର ଦେଖିବାକୁ ମିଳୁଛି।

ବୌଦ୍ଧ ଏକ ଶିଳ୍ପ ବିହୀନ ଜିଲ୍ଲା। ଓଡ଼ିଶା ମାନଚିତ୍ରରେ ଏକ ଛୋଟ ଜିଲ୍ଲା। ଏଠିକାର ଲୋକେ ପ୍ରାୟତଃ ଚାଷ ଉପରେ ନିର୍ଭର କରନ୍ତି। ଏଠି ଖଣି ଖାଦାନ ନାହିଁ। କେବଳ ବୌଦ୍ଧ ଜିଲ୍ଲା ଦେଇ ମହାନଦୀ ପ୍ରବାହିତ




ହୋଇଥିବାରୁ ସରକାର ମହାନଦୀ ଘାଟରୁ ବାଲିରୁ ରାଜସ୍ୱ ପାଇଥାନ୍ତି। ଅନ୍ୟପଟେ କିଛି ପଥର ଖଣିରୁ ମଧ୍ୟ ସରକାର ରାଜସ୍ୱ ପାଉଛନ୍ତି। ତେବେ ଜିଲ୍ଲାରେ ମାଳ ମାଳ ବାଲିଘାଟ ଓ ପଥର ଖଣି କେବଳ ନାଁକୁ ମାତ୍ର ଲିଜ୍ ଚାଲିଛି। କୋଟି କୋଟି ଟଙ୍କାର ବାଲି ଓ ପଥର ବ୍ୟବସାୟରୁ ସରକାର କିନ୍ତୁ ରାଜସ୍ୱ ପାଉ ନାହାନ୍ତି। ଲଘୁ ଖଣିଜ ବିଭାଗ ପକ୍ଷରୁ ନାମକୁ ମାତ୍ର ଅନୁମତି କାଗଜ ଖଣ୍ଡେ ଧରି ଦିନରାତି ଠିକାଦାର ଓ ବାଲି ମାଫିଆ ଲୁଟି ଚାଲିଛନ୍ତି। ଦିନ ଦି ପ୍ରହରରେ ଏସବୁ ଚାଲୁଥିଲେ ବି ପୁଲିସ, ତହସିଲ ଓ ବିଭାଗୀୟ ଅଧିକାରୀ ଚୁପ୍। ତହସିଲରେ ଅଭିଯୋଗ କଲେ ତାହା ଆମ ଅଧୀନରେ ନାହିଁ। ଲଘୁ ଖଣିଜ ଅଧିକାରୀଙ୍କୁ ପ୍ରଶ୍ନ କଲେ ଆମେ ନୀତି ନିୟମ ଅନୁସାରେ ଅନୁମତି ଦେଉଛୁ। କୌଣସି ବ୍ୟତିକ୍ରମ ନାହିଁ କହୁଛନ୍ତି।

ହରଭଙ୍ଗା ତହସିଲ ଅଞ୍ଚଳରେ କାଳେଶ୍ୱର ମହାନଦୀ ଘାଟ, ବଙ୍କାପଡ଼ା, ଡିଆଁ ଘାଟ, ସୁରୁଣ୍ଡି, ହରଭଙ୍ଗା ଆଦି ମହାନଦୀ ବାଲିଘାଟରୁ ଦିନ ଦି ପହରେ ବେଆଇନ ଭାବେ ବାଲି ଉଠୁଛି। ମାଇନ୍ସ ବିଭାଗର ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି ବାଲି ଓ ପଥର ମାଫିଆ ଲଘୁ ଖଣିଜ ଲୁଟିବାରେ ଲାଗିଛନ୍ତି। ତେବେ ଏ ନେଇ ଫୁଲବାଣୀ ମାଇନ୍ସ ଅଧିକାରୀ ଦେବବ୍ରତ ମହାନ୍ତିଙ୍କୁ ପଚାରିବାରୁ ଆମେ ମହାନଦୀ ବାଲିଘାଟ ଉପରେ ନଜର ରଖିଛୁ। ବିଭାଗର ନିୟମ ଅନୁଯାୟୀ ଘାଟରୁ ବାଲି ଉଠୁଛି। ଯଦି ସେମିତି କିଛି ବେଆଇନ ହେଉଥିବା ଅଭିଯୋଗ ଆସେ ଆମେ ନିହାତି ଭାବେ ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି।

## ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ବାଉଁଶୁଣି, ୨୭ ।୫(ସମିସ):** ଯୁକ୍ତ ଦୁଇ କଳା ପରୀକ୍ଷାରେ ବୌଦ୍ଧ ଜିଲ୍ଲା ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୪ଜଣ ପ୍ରଥମ ଶ୍ରେଣୀ, ୪୪ଜଣ ୨ତୀୟ ଶ୍ରେଣୀ ଓ ୧୧୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

## ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଦାବିପତ୍ର

**ଶଗଡ଼ା, ୨୭ ।୫(ସମିସ):** ସରକାର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ତାହା ବାସ୍ତବରେ ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗେସ ଗ୍ରାମରେ। ଏହି ଗ୍ରାମର ୪୦ରୁ ଅଧିକ ପରିବାର ଗ୍ରାମର କୁଞ୍ଜଘର ସମ୍ମୁଖରେ ଥିବା ନଳକୂପ ଉପରେ ପିଇବା ପାଣି ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ନଳକୂପ ଉପରେ ନିର୍ଭର କରିଥାନ୍ତି; ହେଲେ ଏହି ନଳକୂପରେ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁ ନାହାନ୍ତି। ଏ ନେଇ ଗ୍ରାମର ବଂଶୀଧର ଚାଉଳିଆ, ମନଧର କର୍ମୀ, ଜୟରାମ କର୍ମୀ, ବୁଧୁ ପାତ୍ର, ଗୋପାଳ କର୍ମୀ, ସୁରେଶ ନାଏକ, ରଜତ କର୍ମୀ, ଦେବରାଜ କର୍ମୀ, ନରୋତ୍ତମ ପାତ୍ର ପ୍ରମୁଖ ବିଡିଓଙ୍କୁ ଅଭିଯୋଗ କରିଛନ୍ତି।

## ଡକ୍ୟୁମେଣ୍ଟାରି ସିନେମା 'ବିକଳ୍ପ' ପ୍ରଦର୍ଶିତ



**ସୋନପୁର, ୨୭ ।୫ (ସମିସ):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଡକ୍ୟୁମେଣ୍ଟାରି ସିନେମା 'ବିକଳ୍ପ' ପ୍ରଦର୍ଶିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ଷ୍ଟିଚଟିଙ୍ଗ କିଣ୍ଡର ପୋଷ୍ଟଜିଗେଲ୍‌ସ ନେଦରଲାଣ୍ଡ ସହାୟତାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ 'ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଅସହାୟ ଓ ଅସୁରକ୍ଷିତ ଶିଶୁଙ୍କ ବିକଳ୍ପ ଥଇଥାନ' ଉପରେ ଏହା ଆଧାରିତ। ଅବିନାଶ ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୦ ମିନିଟ୍ ବିଶିଷ୍ଟ ଏହି ଡକ୍ୟୁମେଣ୍ଟାରି ସିନେମାରେ ରେଆର ଅନୁଷ୍ଠାନ ତରଫରୁ ଗ୍ରହଣ କରାଯାଇଥିବା କାର୍ଯ୍ୟପନ୍ଥା, ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ତଥା ଅସୁରକ୍ଷିତ ଶିଶୁଙ୍କ ଚିହ୍ନଟ, ସମ୍ପୃକ୍ତ ଶିଶୁଙ୍କ ପରିବାରର ନିରନ୍ତର ଜୀବିକାକୁ ସୁନିଶ୍ଚିତ ଆଦି ପଦକ୍ଷେପ ଏବଂ ସଫଳ କାହାଣୀ ସ୍ଥାନିତ କରାଯାଇଛି। ରେଆର ସହ ପ୍ରତିଷ୍ଠାତା ଅମ୍ବୁଜ ବିହାରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ଫିଲ୍ମ ଅଭିନେତା ପ୍ରଦ୍ୟୁମ୍ନ ସାହୁ, ନାଟ୍ୟ ନିର୍ଦ୍ଦେଶକ ମନୋଜ ବାରିକ, ପର୍ଏଁରୀ ନିର୍ଦ୍ଦେଶକ ତଥା ଲୋକକଳା ଗବେଷକ ଚୌଧୁରୀ ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜୀବ ନାୟକ, ସୁଶାନ୍ତ ଭୋଇ, ଗୀତାଞ୍ଜଳି ରଣା, ସବିତା ହରପାଲ, ଲକ୍ଷ୍ମଣ ବସ୍ତିଆ, ଶିବ ନାଏକ, ରୋଜାଲିନ ସାହୁ, ଶିଶୁ ପ୍ରତିଭାଗୀ ରାକେଶ ଗୁରୁ, ଅନୁପମା ଗୁରୁ, ଡଲି ବରିହା, ଯାଜ୍ଞସେନୀ ଭୋଇ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ଅନଙ୍ଗ ନେଗି ସଂଯୋଜନା କରିଥିବା ବେଳେ ସୁଶାନ୍ତ ସା, ଅଶୋକ ଝାଙ୍କର, ଝରଣା ପଟ୍ଟନାୟକ, ମନୋଜ କୁମାର ସ୍ୱାଇଁ, ସୁଦାମ ଗାଇଗରିଆ ଓ ଲକ୍ଷ୍ମୀପ୍ରିୟା ବେହେରା ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ପରିବହନ ବିଭାଗ

# ରାଜ୍ୟର ପ୍ରଥମ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଆରମ୍ଭ





**ରାଉରକେଲା, ୨୭ ।୫(ସମିସ)**

ରାଉରକେଲା ପରିବହନ ବିଭାଗ ପକ୍ଷରୁ ସୋମବାରଠାରୁ ରାଉରକେଲା ସହରରେ ରାଜ୍ୟର ପ୍ରଥମ କରି ଆରମ୍ଭ ହୋଇଛି ସ୍ୱୟଞ୍ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ (ଏଡିଟିଏସ୍) । ପ୍ରଥମ ଦିନରେ ୧୧୨ ଜଣଙ୍କ ଏଡିଟିଏସ୍ ପରୀକ୍ଷା ହୋଇଥିବା ସୂଚନା ମିଳିଛି। ଏହି ଏଡିଟିଏସ ଟେଷ୍ଟିଂ ଟ୍ରାକ୍ ବ୍ୟବସ୍ଥାରେ ଶତପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ସିସି କ୍ୟାମେରା ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ଟେଷ୍ଟ ସଠିକ ଓ ନିର୍ଭୁଲ ଭାବେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ରାଜ୍ୟରେ ପ୍ରଥମ କରି ରାଉରକେଲା ପରିବହନ ବିଭାଗରେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଏଡିଟିଏସ୍ ଶୁଭାରମ୍ଭ କରାଯାଇଛି। ଏହି ଏଡିଟିଏସ ଟ୍ରାକ ବ୍ୟବସ୍ଥାରେ ରାଉରକେଲା ପରିବହନ ବିଭାଗରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ଦଲାଲ ଓ ମଧ୍ୟସ୍ଥଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଡିଟିଏସ୍‌ରେ ସିସି କ୍ୟାମେରା ଓ ଭିଡିଓ ଆନାଲିଟିକ ସିଷ୍ଟମ ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ଟେଷ୍ଟ ସ୍ୱଚ୍ଛତାର ସହ ଓ ନିର୍ଭୁଲ ଭାବେ କରାଯାଉଛି। ଡ୍ରାଇଭିଂ ଟେଷ୍ଟିଂ ପାଇଁ ପରିବହନ ବିଭାଗ ପକ୍ଷରୁ ଯାହା ନିୟମ ରହିଛି ସେହି ନିୟମକୁ ପାଳନ କରି ୬ଟି ପଦ୍ଧତିକୁ ଅତିକ୍ରମ କରି ଗାଡ଼ି ଚଳାଇପାରିଲେ ଆବେଦନକାରୀଙ୍କୁ ତୁରନ୍ତ ପାସ କରାଯାଇଥିଲା।

**ପ୍ରଥମ ଦିନରେ ୧୧୨ ଜଣଙ୍କ ହେଲା ଏଡିଟିଏସ୍ ଟେଷ୍ଟିଂ**

ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନକାରୀ ଅନଲାଇନ ଜରିଆରେ ଆବେଦନ କରିବା ପରେ ପରିବହନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଟେଷ୍ଟିଂ ଟ୍ରାକରେ ଏଡିଟିଏସ ଟେଷ୍ଟ କରାଯାଇଥିଲା। ଏ ସମ୍ପର୍କରେ ରାଉରକେଲା ଆରଟିଓ ବିଭାଞ୍ଜନ ସାମନ୍ତସିଂହାର କହିଛନ୍ତି, ଏହି ଏଡିଟିଏସ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଜରିଆରେ ହେଉଛି। ସେଠାରେ ମୋଟ ୨୬ଟି କ୍ୟାମେରା ଲାଗିଛି। ୬ଟି ସୋପାନରେ ଏହି ଏଡିଟିଏସ ଟେଷ୍ଟିଂ ହେବ। ସେଗୁଡ଼ିକ ହେଲା ଓଭରଟେକିଂ, ଜେବ୍ରା କ୍ରସିଂ, ଏସ୍ ଟ୍ରାକ୍, ପାରାଲାଲ ପାର୍କିଂ, ଗ୍ରାଡିଏଣ୍ଟ ଏବଂ ଏଇଟ୍ (୮) ଟ୍ରାକ ଆଦି ସବୁ ସିଷ୍ଟମରେ ଭିଜୁଆଲ ଆନାଲାଇଜ୍ କରାଯାଇ ଡ୍ରାଇଭିଂ ଟେଷ୍ଟିଂ ହେବ। ଏଥିପାଇଁ ଚାଳକଙ୍କୁ ୬ଟି ଯାକ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପଡ଼ିବ। ଯାହାକି ସିଷ୍ଟମ ଦ୍ୱାରା ପ୍ରଦର୍ଶିତ ହେବ। ଏଥିରେ ଗୋଟିଏ କେଉଁଥିରେ ବି ଫେଲ ହେଲେ ତାକୁ ଅକୃତକାର୍ଯ୍ୟ ଧରାଯିବ। ଚାଳକ ଜାଣିପାରିବ ସେ କେଉଁ ସୋପାନରେ ଫେଲ ହେଲେ। ସେଥିପାଇଁ ସେ ପ୍ରସ୍ତୁତ ହୋଇ ପୁନଃ ଏଡିଟିଏସ ଟେଷ୍ଟିଂର ସମ୍ମୁଖୀନ ହେବ। ଏହା ସମ୍ପୂର୍ଣ୍ଣ ଭିଜୁଆଲ ଆନାଲିସିସ ଦ୍ୱାରା ସିଷ୍ଟମରେ ହେଉଥିବାରୁ ଏଥିରେ କୌଣସି ମାନୁଆଲ ହସ୍ତକ୍ଷେପ ରହିବ ନାହିଁ କି ମଧ୍ୟସ୍ଥି କିମ୍ବା ଦଲାଲଙ୍କ ଭୂମିକା ରହିବ ନାହିଁ। ସବୁଠାରୁ ବଡ଼ କଥା ହେଲା ଏହା ଦ୍ୱାରା ଉତ୍ତମ ଅଭିଜ୍ଞ ଚାଳକ ସୃଷ୍ଟି ହେବା ସହ ଦୁର୍ଘଟଣା ହାର ହ୍ରାସ ପାଇବ ବୋଲି ଆରଟିଓ ସାମନ୍ତସିଂହାର କହିଛନ୍ତି।

# ଘରକୁ ଫେରିଲେ ନିଖୋଜ ପୋଲିଂ ଅଧିକାରୀ



**ସୁନ୍ଦରଗଡ଼, ୨୭ ।୫(ସମିସ):** ଗତ ୧୯ ତାରିଖ ନିର୍ବାଚନ ଡ୍ୟୁଟି ପାଇଁ ଘରୁ ବାହାରି ଆଉ ଫେରି ନ ଥିବା ସୁନ୍ଦରଗଡ଼ ସଦର ବ୍ଲକ ଘଣ୍ଟିବୁଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଦାନନ୍ଦ ସେଠ (୪୨) ଘରକୁ ଫେରିଛନ୍ତି। ଏହାପରେ ତାଙ୍କ ନିଖୋଜ ନେଇ ଧରୁଆଡିହି ଥାନାରେ ଅଭିଯୋଗ କରିଥିବା ଭାଇ ଚିନ୍ତାମଣି ସେଠ ସୋମବାର ସନ୍ଧ୍ୟାରେ ତାଙ୍କୁ ଥାନାରେ ହାଜର କରାଇଛନ୍ତି। ସଦାନନ୍ଦ ସୁସ୍ଥ ଭାବେ ଘରକୁ ଫେରିଥିବା ପୁଲିସକୁ ଲିଖିତ ଭାବେ ଜଣାଇଛନ୍ତି। ସଦାନନ୍ଦଙ୍କ କହିବା ଅନୁଯାୟୀ, ଘଟଣା ଦିନ ସେ ନିର୍ବାଚନ ଡ୍ୟୁଟି ପାଇଁ ଟ୍ରେନରେ ରାଉରକେଲା ପହଞ୍ଚିଥିଲେ। ତେବେ ରେଳ ଷ୍ଟେସନରେ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ବେହୋସ ହୋଇଯାଇଥିଲେ। ଏହି ସୁଯୋଗରେ ତାଙ୍କ ମୋବାଇଲକୁ କେହି ନେଇ ଯାଇଥିଲେ। ପରେ ଅଜାଣତରେ ଅହମଦାବାଦ ଅଭିମୁଖେ ଯାଉଥିବା ଏକ ଟ୍ରେନରେ ବସିଯିବାରୁ ସେଠାରେ ପହଞ୍ଚିଥିଲେ। ସୁସ୍ଥ ହେବା ପରେ ସେ ଘରକୁ ଫେରିଥିବା ପୁଲିସକୁ କହିଛନ୍ତି।

ଗତ ୨୦ ତାରିଖ ଅନୁଷ୍ଠିତ ଭୋଟ ଗ୍ରହଣ କାର୍ଯ୍ୟରେ ସଦାନନ୍ଦଙ୍କୁ ଦ୍ୱିତୀୟ ପୋଲିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା। ନିର୍ବାଚନ ଡ୍ୟୁଟି ପାଇଁ ୧୮ ତାରିଖ ସେ ଉଦିତନଗରରେ ରିପୋର୍ଟିଂ କରି ପୋଲିଂ ପାର୍ଟି ସହ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା କଥା। ମାତ୍ର ସେ ୧୯ ତାରିଖ ନିର୍ବାଚନ ଡ୍ୟୁଟି ପାଇଁ ଘରୁ ବାହାରିଥିବା ବେଳେ ନିଖୋଜ ହୋଇଯାଇଥିଲେ। ତାଙ୍କ ମୋବାଇଲ ସୁଇଚଅଫ୍ ରହିଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ୨୪ ତାରିଖ କେହି ଅଣଓଡ଼ିଆ ବ୍ୟକ୍ତି ଫୋନ ଉଠାଇ ଅଳ୍ପ କଥା ହେବା ପରେ ପୁଣି ସୁଇଚଅଫ୍ କରିଦେବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ସଦାନନ୍ଦ ଏବେ ଅକ୍ଷତ ଅବସ୍ଥାରେ ଘରକୁ ଫେରିଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

# ଅଢ଼େଇ ମାସ ହେଲା ତାମିଲନାଡୁରେ ନାବାଳକ ଅଟକ



**ସୁନ୍ଦରଗଡ଼, ୨୭ ।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଚମ୍ପାସରା ଗ୍ରାମର ଜଣେ ୧୬ ବର୍ଷୀୟ ନାବାଳକଙ୍କୁ ତାମିଲନାଡୁରେ ପ୍ରାୟ ଅଢ଼େଇ ମାସ ହେଲା ଅଟକ ରଖାଯାଇଛି। ଫଳରେ ତାଙ୍କ ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଛି। ଚମ୍ପାସରା ଗ୍ରାମର ଶାନ୍ତ ସାମଦ ଓ ତାଙ୍କ ସ୍ତ୍ରୀ ସୁସ୍ମିତା ସାମଦଙ୍କ ତିନି ପୁଅ ମୌସମ (୧୬), ରାକେଶ (୧୩) ଓ ଆଲୋକ (୧୦) ରହିଛନ୍ତି। ମୌସମ ଦଶମ ଶ୍ରେଣୀ ପଢ଼ିବା ପରେ ଘରେ ରହିଥିଲେ। ତେବେ ଗତ ମାର୍ଚ୍ଚ ୭ ତାରିଖ ସେ ପରିବାର ଲୋକଙ୍କୁ ନ ଜଣାଇ ଅନ୍ୟ କେତେଜଣଙ୍କ ସହ ତାମିଲନାଡୁ ଚାଲିଯାଇଥିଲେ। ତାମିଲନାଡୁର କୋଇମ୍ବାଟୁର ରେଳ ଷ୍ଟେସନରେ ବୁଲୁଥିବା ବେଳେ ମାର୍ଚ୍ଚ ୧୦ ତାରିଖ ସେଠାକାର ପୁଲିସ ତାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ପରେ ତାଙ୍କୁ ଏକ ଶିଶୁଯତ୍ନକାରୀ ଅନୁଷ୍ଠାନରେ ରଖାଯାଇଛି। ତେବେ ଇତିମଧ୍ୟରେ ଅଢ଼େଇ ମାସ ବିତିଯାଇଥିଲେ ହେଁ ମୌସମଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ଏଣୁ ତାଙ୍କ ପରିବାର ଲୋକେ ଘୋର ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି। ପୁଅକୁ ଉଦ୍ଧାର କରିବା ପାଇଁ ବାରଦୁଆର ହେଉଛନ୍ତି। ତଥାପି କୌଣସି ସୁଫଳ ମିଳୁ ନାହିଁ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ମୌସମଙ୍କୁ ତୁରନ୍ତ ଉଦ୍ଧାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ତାଙ୍କ ମା' ନିବେଦନ କରିଛନ୍ତି।

**ଉଦ୍ଧାର ପାଇଁ ମା'ଙ୍କ ନିବେଦନ**

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୨୭ ।୫(ସମିସ):** ମାଟ୍ରିକ ପରୀକ୍ଷାରେ ଏ-୨ ଗ୍ରେଡରେ ପାସ କରିଥିବା ସଦର ବ୍ଲକ ଅନ୍ତର୍ଗତ ଲେଢ଼ିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସୋମବାର ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ହେଲେ ଓଁକାର ପଟେଲ, ଅମ୍ଳାନ ପ୍ରଧାନ, ମୋନାଲିସା ସା ଏବଂ ବୈଷ୍ଣବୀ ମେହେର। ବିଦ୍ୟାଳୟ ସଭାପତି ତଥା ଲେଢ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମେରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ, ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଏକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟର ୧୧୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଓଁକାର ୫୦୩, ଅମ୍ଳାନ ୫୦୨, ମୋନାଲିସା ୪୯୯ ଓ ବୈଷ୍ଣବୀ ୪୮୦ ମାର୍କ ରଖି ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବି-୧ ଗ୍ରେଡ୍‌ରେ ୩୩, ବି-୨ରେ ୬୦, ସି ଗ୍ରେଡରେ ୧୦ ଓ ଡି ଗ୍ରେଡରେ ୪ ଛାତ୍ରଛାତ୍ରୀ ପାସ କରି ବିଦ୍ୟାଳୟ ପାଇଁ ଶତପ୍ରତିଶତ ସଫଳତା ଆଣିଛନ୍ତି।



# ଓଭରଟେକିଂକୁ ବିରୋଧ କରିବାରୁ ଗାର୍ଡଙ୍କୁ ଆକ୍ରମଣ

**ସୁନ୍ଦରଗଡ଼, ୨୭ ।୫(ସମିସ):** ରତନସରାଠାରେ ଓଭରଟେକିଂକୁ ବିରୋଧ କରିଥିବା ଜଣେ ଗାର୍ଡଙ୍କୁ ବିଶିଷ୍ଟ କୋଇଲା ଟ୍ରାନ୍ସପୋର୍ଟର ଘନଶ୍ୟାମ ଡାଲମିଆ ଓରଫ ବଣ୍ଟି ଓ ତାଙ୍କ ୨ ସହଯୋଗୀ ଆକ୍ରମଣ କରିବା ସହ ଗାଡ଼ି ମଡ଼ାଇ ହତ୍ୟା ଧମକ ଦେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ଗାର୍ଡ ରମେଶ ମେହେର ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ଘନଶ୍ୟାମଙ୍କ ସମେତ ତାଙ୍କ ସହଯୋଗୀ ଧୀରେନ୍ଦ୍ର ପ୍ରଧାନ ଓ ରାଜେଶଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରମେଶ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ବିସ୍ଥାପିତ ଗାଡ଼ି ମାଲିକ ସଂଘର ଗାର୍ଡ ଭାବେ ସେ କାମ କରୁଥିବା ବେଳେ ରତନସରରେ ତାଙ୍କୁ ନିଯୁକ୍ତ କରାଯାଇଛି। କୌଣସି ଗାଡ଼ିକୁ ଓଭରଟେକ୍ କରିବାକୁ ନ ଦେବାକୁ ସଂଘର ନିର୍ଦ୍ଦେଶ ରହିଛି। ଉକ୍ତ ନିର୍ଦ୍ଦେଶକୁ ଅବମାନନା କରୁଥିବା ଗାଡ଼ିକୁ ଅଟକାଇବା ସହ ଚିତ୍ର ଉତ୍ତୋଳନ କରି ସଂଘ କର୍ମକର୍ତ୍ତାଙ୍କ ପାଖକୁ ପଠାଇବାକୁ ନିୟମ କରାଯାଇଛି। ଏଣୁ ସୁନ୍ଦରଗଡ଼ ପଟକୁ ଆସୁଥିବା ଏକ ଟ୍ରକ୍ (ଓଡି୩୪-ଏମ୍୧୬୮୫) ରତନପୁର ଛକରେ ଅନ୍ୟ ଗାଡ଼ିକୁ ଓଭରଟେକ୍ କରିବାରୁ ସେ ଅଟକାଇ ଚିତ୍ର ଉତ୍ତୋଳନ କରିଥିଲେ। ଖବର ପାଇ ଘନଶ୍ୟାମ ତାଙ୍କ ସହଯୋଗୀ ଧୀରେନ୍ଦ୍ର ଓ ଚାଳକ ରାଜେଶଙ୍କ ସହ ଆସି ଗାଡ଼ି କାହିଁକି ଅଟକାଇଛ କହି ରମେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ତଣ୍ଟି ଚିପିବା ସହ ଗାଡ଼ି ମଡ଼ାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରମେଶଙ୍କ ସହଯୋଗୀ ବାବୁଲାଲ ତାଙ୍କ ଡାକ ଶୁଣି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ରାତିରେ ପୁଣି ୬/୭ଟି ଗାଡ଼ିରେ କିଛି ଅସାମାଜିକ ବ୍ୟକ୍ତି ତାଙ୍କ ଘର ପାଖରେ ପଇଁତରା ମାରିଥିବା ଅଭିଯୋଗ ହୋଇଛି।

**ବିଶିଷ୍ଟ କୋଇଲା ଟ୍ରାନ୍ସପୋର୍ଟର ସମେତ ୩ ଜଣଙ୍କ ବିରୋଧରେ ମାମଲା**

# ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨୭ ।୫(ସମିସ):** ରେଳ ଧାରଣାରୁ ଜିଆରପି ଥାନା ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୪୩ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୁଲିସ ସୂଚନା ମୁତାବକ, ସୋମବାର ଏସଟିଆଇ ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳ ଧାରଣାରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଯୁବକଙ୍କ ମୁଣ୍ଡରେ ଆଘାତ ଲାଗିବା ଯୋଗୁଁ ମୃତ୍ୟୁ ହୋଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ହେଲେ ଏହା ଦୁର୍ଘଟଣା ନା ଆଉ କିଛି ତାହା ସ୍ପଷ୍ଟ ହୋଇନାହିଁ। ଆରଜିଏଚ ମର୍ଗ ହାଉସରେ ମୃତଦେହ ରଖି ତଦନ୍ତ ଜାରି ରଖିଛି ପୁଲିସ।



# ପୂଜକଙ୍କ ପରଲୋକ

**ସୁନ୍ଦରଗଡ଼, ୨୭ ।୫(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ କବାଙ୍ଗସ୍ଥିତ ମେଟାକାନୀ, ଦକ୍ଷଣକାଳୀ, ମଙ୍ଗଳା, ଶିବମନ୍ଦିର ଓ ମାଣିକେଶ୍ୱରୀ ମନ୍ଦିରର ପୂଜକ ମିତ୍ରଭାନୁ ଖିଲେଇଙ୍କ ୭୦ ବର୍ଷ ବୟସରେ ପରଲୋକ ଘଟିଛି। ମିତ୍ରଭାନୁ ଦୁରାରୋଗ୍ୟ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ରାଉରକେଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଛି। ମିତ୍ରଭାନୁଙ୍କ ମୃତ୍ୟୁରେ ସ୍ଥାନୀୟ ଗ୍ରାମବାସୀ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

# ସୋଲାର ପାଣି ମୋଟର ଚୋରି

**ସୁନ୍ଦରଗଡ଼, ୨୭ ।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ ଟପରିଆ ଗ୍ରାମରୁ ଏକ ସୋଲାର ପାଣି ମୋଟର ଚୋରି ହୋଇଛି। ଗ୍ରାମର ପୁରୁଷୋତ୍ତମ ପ୍ରଧାନ ତାଙ୍କ କୂଅରେ ଏକ ୦.୫ ଏଚପି ସୋଲାର ପାଣି ମୋଟର ବସାଇଥିଲେ। ଉକ୍ତ ମୋଟରକୁ କେହି ଚୋରାଇ ନେବା ପରେ ସେ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁକ୍ତଦୁଇ ପରୀକ୍ଷା

# ଡାଲମିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

**କୁତ୍ରା, ୨୭ ।୫(ସମିସ):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତଦୁଇ ପରୀକ୍ଷାରେ ଡାଲମିଆ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। କଳା ବିଭାଗର ପାସ୍ ହାର ୮୫.୫ ପ୍ରତିଶତ, ବିଜ୍ଞାନରେ ୪୯ ପ୍ରତିଶତ ଓ ବାଣିଜ୍ୟରେ ୮୯.୫ ପ୍ରତିଶତ ରହିଛି। କଳାରେ ୨୨୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୮୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ରଶ୍ମି ଶର୍ମା ୮୪.୮୩ ପ୍ରତିଶତ, ଅଂଶୁ ଅଞ୍ଜନା କୁଜୁର ୮୪ ପ୍ରତିଶତ, ଶୁଭମ ସିଂ ୮୩.୮୩ ପ୍ରତିଶତ ମାର୍କ ରଖି ମହାବିଦ୍ୟାଳୟ ସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନରେ ୧୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨, ଦ୍ୱିତୀୟ ଶ୍ରେଣୀରେ ୨୨ ଓ ତୃତୀୟ ଶ୍ରେଣୀରେ ୨୩ ଜଣ ପାସ୍ କରିଛନ୍ତି। ମହମ୍ମଦ ସମୀର ଆଲବମ ୭୯ ପ୍ରତିଶତ, ଶୁଭ୍ରଜିତ ରାଉତ ୭୭.୦୫ ପ୍ରତିଶତ, ଚାନ୍ଦୀ ଶିଖା ୭୪.୩୩ ପ୍ରତିଶତ ମାର୍କ ରଖି ମହାବିଦ୍ୟାଳୟ ସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ୧୬୩ ପରୀକ୍ଷାର୍ଥୀ ମଧ୍ୟରୁ ୧୪୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୪ଜଣ ପ୍ରଥମ, ୨୩ଜଣ ଦ୍ୱିତୀୟ ଓ ୧୦୯ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଶର୍ମିଷ୍ଠା ତ୍ରିପାଠୀ ୮୭.୧୦ ପ୍ରତିଶତ, ରୋହିତ ସାହୁ ୮୩.୧୬ ପ୍ରତିଶତ ଏବଂ ଆଫ୍ରିକା ନାଜ ୮୨.୫ ପ୍ରତିଶତ ମାର୍କ ରଖି ମହାବିଦ୍ୟାଳୟ ସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଉମାଶଙ୍କର ଏଫ୍‌ସିଆଇର ପ୍ରଦେଶ ସିସି ସଦସ୍ୟ ମନୋନୀତ



ସୁନ୍ଦରଗଡ଼, ୨୭ ।୫(ସମିସ): ବରିଷ୍ଠ ଆଇନଜୀବୀ ଉମାଶଙ୍କର ପଟେଲ ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆର ପ୍ରଦେଶ ସିସି ଭାବେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏହି ନୂତନ ନିଯୁକ୍ତି ପରେ ଉମାଶଙ୍କର କେନ୍ଦ୍ରମନ୍ତ୍ରୀ ପୀୟୂସ ଗୋୟଲ ଓ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକ

**ସୁନ୍ଦରଗଡ଼, ୨୭ ।୫(ସମିସ):** ସୁନ୍ଦରଗଡ଼ର ବରିଷ୍ଠ ଆଇନଜୀବୀ ପରମେଶ୍ୱର ନାଏକଙ୍କ ବିୟୋଗରେ ଜିଲ୍ଲା ଓକିଲ ମୋହରିର ସଂଘ, ଷ୍ଟାମ୍ପ ଭେଣ୍ଡର ଓ ଟାଇପିଷ୍ଟ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାଗୃହରେ ଦୀନବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଶୋକସଭାରେ ଉପସ୍ଥିତ ସଭ୍ୟମାନେ ସ୍ୱର୍ଗତ ନାଏକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମରାତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ସେହିପରି ପରମେଶ୍ୱରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଯାପିତ

**ରାଉରକେଲା, ୨୭ ।୫(ସମିସ):** କ୍ରୀଡ଼ା ପ୍ରତିଭାମାନଙ୍କ ନିମନ୍ତେ ଆର୍‌ଏସ୍‌ପି ଦ୍ୱାରା ଆୟୋଜିତ ୩୭ତମ ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସୋମବାର ଇସ୍ପାତ ଷ୍ଟାଡିୟମରେ ଉଦଯାପିତ ହୋଇଛି। ଏଥିରେ ଆରଏସପିର କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମାନବ ସମ୍ବଳ ଓ ସହର ବିଭାଗ ଜିଏମ ଇନ ଚାର୍ଜ ପିକେ ଦାସ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ନିର୍ବାହୀ ନିର୍ଦ୍ଦେଶକ ମିଶ୍ର ଗ୍ରୀଷ୍ମପ୍ରବାହ ଜନିତ ତାପମାତ୍ରା ବୃଦ୍ଧି ସତ୍ତ୍ୱେ ଉତ୍ସାହଜନକ ରୂପେ ଅଂଶଗ୍ରହଣ ପୂର୍ବକ କ୍ରୀଡ଼ା ଶିବିରକୁ ବିପୁଳ ମାତ୍ରାରେ ସଫଳ କରିବା ନିମନ୍ତେ ପିଲାମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। କ୍ରୀଡ଼ା ନା କେବଳ ଦଳଗତ ଭାବନା ଓ ଶୃଙ୍ଖଳାକୁ ସୁଦୃଢ଼ କରିଥାଏ ବରଂ ଏହା ପାଠ୍ୟଗତ ଏକାଗ୍ରତା ଓ ଧ୍ୟାନକେନ୍ଦ୍ରିତ କରିବାରେ ସହାୟକ ହୋଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ।

ଅଂଶଗ୍ରହଣକାରୀମାନେ ବିଭିନ୍ନ ଖେଳକୁଦର ଚିତ୍ତାକର୍ଷକ ପ୍ରଦର୍ଶନ ଉପସ୍ଥାପନ କରିଥିଲେ। କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ବିଭିନ୍ନ ଦଳ ଓ କୋଚମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ପିଏଚ, କ୍ରୀଡ଼ା ଓ ବିମାନବନ୍ଦର ବିଭାଗ ଜିଏମ ଇନ ଚାର୍ଜ ଆରକେ ବର୍ମା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗ ସହକାରୀ ପ୍ରବନ୍ଧକ ରଘୁନାଥ ପାଢ଼ୀ ବିଭାଗୀୟ ସାମୁଦାୟିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରଏମ ବିଭାଗ ସିନିୟର ଟେକ୍ନିସିଆନ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ମେ ୭ରେ ଉଦଘାଟିତ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୧୫୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବଡିବିଲ୍ଡିଂ, ବକ୍ସିଂ, ଚେସ, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡ଼ି, ଟେବୁଲଟେନିସ, ଭଲିବଲ, ୱେଟଲିଫ୍ଟିଂ, ପାୱାରଲିଫ୍ଟିଂ, ଯୋଗ ଭଳି ୧୪ଟି ବିଭାଗରେ ଅଭିଜ୍ଞ କୋଚଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୧୯୮୬ରେ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଅତୀତରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ ସୃଷ୍ଟି କରିବା ସହ ସମ୍ପ୍ରତି ବହୁ ଉଦୀୟମାନ କ୍ରୀଡ଼ା ତାରକାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି।











# ତରଭା ବ୍ଲକ୍‌ରେ ମାଟ୍ରିକ୍ ପାସ୍ ହାର ୯୭.୬୪ ପ୍ରତିଶତ

**ତରଭା, ୨୭।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ପାସ୍ ହାର ୯୭.୬୪ ପ୍ରତିଶତ ରହିଛି। ମେଣ୍ଡା ସରକାରୀ ହାଇସ୍କୁଲ ଛାତ୍ରୀ ସୁଲଗ୍ନା ଫରିକାର ୯୦ ପ୍ରତିଶତ (୫୪୦ମାର୍କ) ରଖି ବ୍ଲକର ସମ୍ମାନ ବଢ଼ାଇଛନ୍ତି। ଏହି ବିଦ୍ୟାଳୟର ୧୨୦ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ସୁଲଗ୍ନା ବ୍ଲକ ଟପ୍ପର ହୋଇଥିବାବେଳେ ଜଣେ ଏ-୨ ଗ୍ରେଡ, ୧୦ଜଣ ବି-୧, ୧୪ ଜଣ ବି-୨, ୩୫ ଜଣ ସି, ୪୧ଜଣ ଡି ଓ ୧୭ ଜଣ ଇ ଗ୍ରେଡ ପାଇଛନ୍ତି। ଜଣେ ଫେଲ ହୋଇଛନ୍ତି।

ତରଭା ସରକାରୀ ବାଳକ ହାଇସ୍କୁଲର ୭୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ବି-୧ ଗ୍ରେଡ ପାଇଥିବା ବେଳେ ୩ଜଣ ବି-୨, ୨୧ ଜଣ ସି, ୩୨ ଜଣ ଡି ଏବଂ ୧୪ ଜଣ ଇ-ଗ୍ରେଡ ପାଇଛନ୍ତି। ୭ଜଣ ଫେଲ୍ ହୋଇଛନ୍ତି। ତରଭା ସରକାରୀ ବାଳିକା ହାଇସ୍କୁଲର ୯୮ ଜଣଙ୍କ ମଧ୍ୟରୁ ବି-୧ ଗ୍ରେଡ ଜଣେ, ବି-୨ ୫ଜଣ, ସି ୩୨ଜଣ, ଡି ୩୨ ଜଣ, ଇ ଗ୍ରେଡରେ ୨୩ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଜଣେ ଫେଲ ହୋଇଛନ୍ତି। କମସରା ହାଇସ୍କୁଲର ୭୪ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ବି-୧ ଗ୍ରେଡ ୨ଜଣ, ୭ଜଣ ବି-୨, ୯ଜଣ ସି, ୩୨ ଜଣ ଡି, ୨୩ଜଣ ଇ-ଗ୍ରେଡ ପାଇଥିବାବେଳେ ଜଣେ ଫେଲ ହୋଇଛନ୍ତି। ସରଗଜ ହାଇସ୍କୁଲରୁ ପରୀକ୍ଷା ଦେଇଥିବା ୭୪ ଜଣଙ୍କ ମଧ୍ୟରୁ ୨ଜଣ ବି-୧ ଗ୍ରେଡ, ୪ଜଣ ବି-୨, ୧୯ ଜଣ ସି, ୩୭ଜଣ ଡି, ୧୧ ଜଣ ଇ-ଗ୍ରେଡ ଓ ଜଣେ ଫେଲ୍ ହୋଇଛନ୍ତି। ଶିବତୁଲା ସତ୍ୟନାରାୟଣ ହାଇସ୍କୁଲର ୧୦୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବି-୧ ଗ୍ରେଡ ପାଇଥିବାବେଳେ ବି-୨ ଜଣେ, ୧୩ଜଣ ସି, ୩୨ଜଣ ଡି ଓ ୬୧ ଜଣ ଇ-ଗ୍ରେଡ ପାଇଛନ୍ତି। ଏହି ବିଦ୍ୟାଳୟରେ ସଫଳତା ହାର ଶତ ପ୍ରତିଶତ ରହିଛି। ଚାରଭଟ୍ଟା ହାଇସ୍କୁଲର ପରୀକ୍ଷା ଦେଇଥିବା ୧୨୫ ଜଣଙ୍କ ମଧ୍ୟରୁ ଜଣେ ବି-୧, ୨ଜଣ ବି-୨, ୨୬ଜଣ ସି, ୨୯ଜଣ ଡି, ୬୩ଜଣ ଇ ଗ୍ରେଡରେ ପାସ୍ କରିଥିବାବେଳେ ୪ଜଣ ଫେଲ ହୋଇଛନ୍ତି। ବ୍ରାହ୍ମଣୀ ହାଇସ୍କୁଲର ପରୀକ୍ଷା ଦେଇଥିବା ୬୦ ଜଣଙ୍କ ମଧ୍ୟରୁ ୨ଜଣ ସି-ଗ୍ରେଡ, ୧୮ଜଣ ଡି, ୩୮ଜଣ ଇ-ଗ୍ରେଡ ପାଇଥିବାବେଳେ ୨ଜଣ ଫେଲ ହୋଇଛନ୍ତି। ତୁଲୁଣ୍ଡା ହାଇସ୍କୁଲରୁ ପରୀକ୍ଷା ଦେଇଥିବା ୪୦ ଜଣଙ୍କ ମଧ୍ୟରୁ ୪ ଜଣ ସି-ଗ୍ରେଡ, ୧୭ଜଣ ଡି, ୧୯ଜଣ ଇ-ଗ୍ରେଡ ପାଇଛନ୍ତି। ଏଠାରେ ସଫଳତା ହାର ଶତ ପ୍ରତିଶତ ରହିଛି। ପୁଆଁ ରାମକୃଷ୍ଣ ବେଜ ହାଇସ୍କୁଲର ୪୯ଜଣଙ୍କ ମଧ୍ୟରୁ ୧୦ଜଣ ସି-ଗ୍ରେଡ, ୧୪ ଜଣ ଡି, ୨୩ଜଣ ଇ-ଗ୍ରେଡ ଓ ୨ଜଣ ଫେଲ ହୋଇଛନ୍ତି। ରାଣୀସର୍ଦା ପଞ୍ଚାୟତ ହାଇସ୍କୁଲର ପରୀକ୍ଷା ଦେଇଥିବା ୫୪ଜଣଙ୍କ ମଧ୍ୟରୁ ଜଣେ ବି-୧, ୨ ଜଣ ବି-୨, ୬ଜଣ ସି, ୧୮ ଜଣ ଡି, ୨୪ଜଣ ଇ-ଗ୍ରେଡ ଓ ୩ଜଣ ଫେଲ ହୋଇଛନ୍ତି। ଦୁବୁଲା ହାଇସ୍କୁଲର ୪୦ଜଣଙ୍କ ମଧ୍ୟରୁ ୫ଜଣ ଏ-୨, ୮ଜଣ ବି-୧, ୧୦ଜଣ ବି-୨, ୧୧ଜଣ ସି, ୬ଜଣ ଡି-ଗ୍ରେଡରେ ପାସ କରିଛନ୍ତି। ଏଠାରେ ସଫଳତା ହାର ଶତ ପ୍ରତିଶତ ରହିଛି। କରଲାମୁହାଣ ହାଇସ୍କୁଲର ପରୀକ୍ଷା ଦେଇଥିବା ୪୯ଜଣଙ୍କ ମଧ୍ୟରୁ ଜଣେ ବି-୧, ଜଣେ ବି-୨, ୫ଜଣ ସି, ୨୪ଜଣ ଡି, ୧୮ ଜଣ ଇ-ଗ୍ରେଡ ପାଇଛନ୍ତି। ଏଠାରେ ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବଘିଆ ପଞ୍ଚାୟତ ହାଇସ୍କୁଲର ୪୦ଜଣଙ୍କ ମଧ୍ୟରୁ ସମସ୍ତେ ପାସ କରିଛନ୍ତି। ୭ଜଣ ସି-ଗ୍ରେଡ, ୧୮ଜଣ ଡି ଓ ୧୫ଜଣ ଇ-ଗ୍ରେଡ ପାଇଛନ୍ତି। ୟୁଜିଏଚଏସ କଟାପାଲିରୁ ପରୀକ୍ଷା ଦେଇଥିବା ସମସ୍ତ ୫୧ଜଣ ପାସ କରିଛନ୍ତି। ଏଥିରୁ ୪ଜଣ ବି-୨, ୭ଜଣ ସି, ୧୧ଜଣ ଡି, ୨୯ଜଣ ଇ-ଗ୍ରେଡ ପାଇଛନ୍ତି। ୟୁଜିଏଚଏସ ମରାଡୁଗୁଛାର ୪୮ଜଣଙ୍କ ମଧ୍ୟରୁ ୩ଜଣ ବି-୨, ୫ଜଣ ସି, ୧୩ଜଣ ଡି, ୨୬ଜଣ ଇ-ଗ୍ରେଡ ଓ ଜଣେ ଫେଲ୍ ହୋଇଛନ୍ତି। ଝାରତରଭା ହାଇସ୍କୁଲର ୨୫ଜଣଙ୍କ ମଧ୍ୟରୁ ୨ଜଣ ସି, ୭ଜଣ ଡି, ୧୫ଜଣ ଇ-ଗ୍ରେଡ ଓ ଜଣେ ଫେଲ ହୋଇଛନ୍ତି। ୟୁଜିଏଚଏସ କୁମ୍ଭାରମୁଣ୍ଡାର ୫୦ଜଣଙ୍କ ମଧ୍ୟରୁ ୭ଜଣ ସି-ଗ୍ରେଡ ପାଇଥିବାବେଳେ ୧୮ଜଣ ଡି, ୨୩ଜଣ ଇ ଓ ୨ଜଣ ଫେଲ୍ ହୋଇଛନ୍ତି। ଦେଉଳପଦର ହାଇସ୍କୁଲର ୪୭ଜଣଙ୍କ ମଧ୍ୟରୁ ଜଣେ ବି-୧, ୯ଜଣ ସି, ୧୪ଜଣ ଡି, ୨୨ଜଣ ଇ-ଗ୍ରେଡ ଓ ଜଣେ ଫେଲ୍ ହୋଇଛନ୍ତି। ବଡ଼ଭଇଁରୋ ହାଇସ୍କୁଲର ୯୫ଜଣଙ୍କ ମଧ୍ୟରୁ ଜଣେ ବି-୨, ୪ଜଣ ସି, ୨୧ଜଣ ଡି, ୬୭ଜଣ ଇ-ଗ୍ରେଡ ଓ ୨ଜଣ ଫେଲ କରିଛନ୍ତି। ସିଂହାରୀ ହାଇସ୍କୁଲରୁ ପରୀକ୍ଷା ଦେଇଥିବା ୭୬ ଜଣଙ୍କ ମଧ୍ୟରୁ ଜଣେ ବି-୧ ଗ୍ରେଡ ପାଇଥିବାବେଳେ ୨୦ଜଣ ସି, ୨୯ଜଣ ଡି, ୨୫ଜଣ ଇ-ଗ୍ରେଡ ଓ ଜଣେ ଫେଲ କରିଛନ୍ତି। ବ୍ଲକର ୨୧ଟି ହାଇସ୍କୁଲରୁ ପରୀକ୍ଷା ଦେଇଥିବା ୧୪୦୩ଜଣଙ୍କ ମଧ୍ୟରୁ ୧୩୭୦ଜଣ ପାସ୍ କରିଥିବାବେଳେ ୩୩ଜଣ ଫେଲ୍ ହୋଇଛନ୍ତି।

# ଜିଲ୍ଲା ଟପ୍ପର ତାଲିକାରେ ମହାତ୍ମା ଗାନ୍ଧୀ କଲେଜର ୩ ଛାତ୍ର

**ନୂଆପଡ଼ା/ଖଡ଼ିଆଳ, ୨୭।୫(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ମହାତ୍ମା ଗାନ୍ଧୀ କଲେଜର ୯୫ ପ୍ରତିଶତ ଛାତ୍ରଛାତ୍ରୀ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରୁ ୩ ଜଣ





ଛାତ୍ର ଜିଲ୍ଲା ଟପ୍ପର ହୋଇଛନ୍ତି। ପ୍ରିୟବ୍ରତ ରଣା ୮୭ ପ୍ରତିଶତ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସମୀର ମିଶ୍ର ୮୬ ପ୍ରତିଶତ ରଖି ୨ୟ ସ୍ଥାନରେ ଥିବାବେଳେ କ୍ଷମାସାଗର ରଣା ୮୩ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।

# ଜଙ୍ଗଲ ଭିତରେ ନିମ୍ନମାନର କାମ ଅଭିଯୋଗ

**ତୁରେକେଲା, ୨୭।୫(ସମିସ):** ବନବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ବିକାଶମୂଳକ କାମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ଯୋଜନା ବାଟବଣା ହେଉଛି। କେତେ



ବେଳେ ବନ ବିଭାଗ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ବୃକ୍ଷ ନଷ୍ଟ ହେଉଛି ତ, କେତେବେଳେ ନିମ୍ନମାନର କାମକରି ସରକାରୀ ଅର୍ଥ ହରିଲୁଟ କରୁଛନ୍ତି। ଏହିଭଳି ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ମହଖଣ୍ଡ ସେକସନ ଅଧୀନ ବଡ଼ବାଙ୍କୀ ସଂରକ୍ଷିତ ଜଙ୍ଗଲରୁ। ପ୍ରାୟ ୨ କି.ମି ଜଙ୍ଗଲି ଭିତରେ ଥିବା ରାସ୍ତା ମରାମତି କାମ ଚାଲିଛି। ହେଲେ ଏହି କାମ ଅତି ନିମ୍ନମାନର ହେଉଥିବା ଗାଁ ଲୋକେ ଅଭିଯୋଗ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାସ୍ତା ଉପରେ ଅଳ୍ପକିଛି ମୋରୁମ ପକାଇ ବିଭାଗୀୟ ଅଧିକାରୀ ସରକାରୀ ଅନୁଦାନ ହରିଲୁଟ କରୁଥିବା ଯୋଜନା କରିଛନ୍ତି। ରାସ୍ତା ଉପରେ ଯେଉଁ ମାଟି ବିଛା ହୋଇଛି ଅଳ୍ପ ବର୍ଷାହେଲେ କାଦୁଅ ହୋଇଯିବ ଏବଂ କୌଣସି କାମ ରେ ଆଶିବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି। ଏନେଇ ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମାରଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ଜଙ୍ଗଲ ରାସ୍ତା ଭିତରେ ରାସ୍ତା ଉନ୍ନତୀକରଣ କାମ ଚାଲିଛି, ପ୍ରାୟ ୨କି.ମ କାମ ଚାଲିଛି, ପ୍ରତ୍ୟେକ କି.ମି ପିଛା ୬୯ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସେହି ରାସ୍ତାରେ ଅତି ନିମ୍ନମାନର କାମ ହେଉଛି ବୋଲି ପଚାରିବାରୁ ଏତେ କମ୍ ଅନୁଦାନରେ କେମିତି ସଠିକ କାମ ହେବ ବୋଲି କହିଥିଲେ। ଗୋଟିଏ ପଟେ ଜଙ୍ଗଲ ରାସ୍ତା ଉନ୍ନତୀକରଣ ପାଇଁ ସରକାରଙ୍କ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅନ୍ୟପଟେ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଯୋଜନା ବାଟବଣା ହେଉଛି। ଅନ୍ୟପକ୍ଷରେ ମହଖଣ୍ଡ ସେକ୍‌ସନ୍ ଦାୟିତ୍ୱରେ ଥିବା ବନବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ କାଠ ମାଫିଆ ସକ୍ରିୟ ହେଉଥିବା ଅଭିଯୋଗ ହେଉଛି। ତେବେ ରାସ୍ତା ଉନ୍ନତୀକରଣ କାମ ଯାଞ୍ଚକରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## କଳାହାଣ୍ଡି ଶିକ୍ଷା ବିଭାଗ ତରଫରୁ ଶ୍ରେଷ୍ଠ କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

# 'କଠିନ ପରିଶ୍ରମ ବିନା ସଫଳତା ଅସମ୍ଭବ'

**ଭବାନୀପାଟଣା, ୨୭।୫(ସମିସ)**

କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ଅନୁଷ୍ଠିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ର ଶ୍ରେଷ୍ଠ କୃତୀ ପରୀକ୍ଷାର୍ଥୀଙ୍କୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଭବାନୀପାଟଣା ଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଳାହାଣ୍ଡି ଜିଲ୍ଲାର ପାସ୍ ହାର ୯୫.୮୬ ପ୍ରତିଶତ ରହିଛି। ସେମାନଙ୍କ ମଧ୍ୟରୁ ୬ଜଣ କୃତୀ ପରୀକ୍ଷାର୍ଥୀ ଏ-୧ ଗ୍ରେଡ୍ ରଖି ପାସ୍ କରିଛନ୍ତି। ଏହି କୃତୀ ପରୀକ୍ଷାର୍ଥୀଙ୍କୁ ଏକ ଭବ୍ୟ ଉତ୍ସବରେ ଜିଲ୍ଲାର ପ୍ରମୁଖ ଶିକ୍ଷାବିତ୍ ଓ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରେଷ୍ଠ କୃତୀ ପରୀକ୍ଷାର୍ଥୀ ହେଲେ ପଞ୍ଚାୟତ ହାଇସ୍କୁଲ ମେଦିନୀପୁରର ଯଜ୍ଞରାଜ ସାହୁ, ଜସ୍ମିନ ପଧାନ, ଖୁସବୁ ମେହେର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ଏସ୍‌ଏସଡ଼ି) ଗୋପାଳପୁରର ସୁପ୍ରଭା ନାଏକ, ବୃନ୍ଦାବାହାଲ ନୋଡ଼ାଲ ହାଇସ୍କୁଲର ପ୍ରଭାସ ନାଏକ, ସନ୍ଧିକୁଲିଆରୀ ହାଇସ୍କୁଲର ଚୁମନ୍‌ଲାଲ୍ ବୁଡ଼େକ୍। ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ପୌରୋହିତ୍ୟରେ ଜିଲ୍ଲା ମଙ୍ଗଳ



ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ କରି ଏହି ସଫଳତାକୁ ବଜାୟ ରଖିବାକୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଚୋପଦାର ତାଙ୍କ ବକ୍ତବ୍ୟରେ ସଫଳତା ପାଇଁ କଠୋର ପରିଶ୍ରମ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। କୃତୀ ଛାତ୍ରଛାତ୍ରୀମାନେ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ସ୍ଥିତିରେ ପରିବର୍ତ୍ତନ ଆସିଛି। ସ୍କୁଲ ରୂପାନ୍ତରଣ ପଦ୍ଧତି ଦ୍ୱାରା ଭରପୁର ସୁଯୋଗ ସୃଷ୍ଟି କରିବା ସହିତ ଇଚ୍ଛା ଶକ୍ତିକୁ ବୃଦ୍ଧି କରିପାରିଛି ବୋଲି କୃତୀ ଛାତ୍ର ଛାତ୍ରୀମାନେ ନିଜ ଅନୁଭବ ବର୍ଣ୍ଣନା କରିଥିଲେ। ସେମାନେ ସେମାନଙ୍କର ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ନିଜ ପରିଶ୍ରମକୁ ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି। କୃତୀ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କ ଉପସ୍ଥିତିରେ ଉତ୍ସବଟି ମଧୁମୟ ହୋଇଉଠିଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ପାଣି ପାଇଁ ହନ୍ତସନ୍ତ ରେଙ୍ଗାଲି ଗ୍ରାମବାସୀ

# ଜଳଯୋଗାଣ ଅଧିକାରୀଙ୍କ ଅଫିସ ଘେରିଲେ

**କଣ୍ଟାବାଞ୍ଜି, ୨୭।୫(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚାଉଳଶୁଖା ପଞ୍ଚାୟତ ରେଙ୍ଗାଲିରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ବର୍ଷେ ହେବ ପାଣି ସମସ୍ୟା ଲାଗି ରହିଛି। ୩ ଏଚ୍‌ପ ମୋଟର ପାଣି ଟାଣିପାରୁ ନ ଥିବା ଅଭିଯୋଗ ସହ ୫ ଏଚ୍‌ପି ମୋଟର ଲଗାଇବାକୁ ଦାବି କରିଆସୁଛନ୍ତି ଗ୍ରାମବାସୀ। ସୋମବାର ରେଙ୍ଗାଲି ଗ୍ରାମର ଶତାଧିକ ପୁରୁଷ ମହିଳା କଣ୍ଟାବାଞ୍ଜି ଜଳଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରେଉ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ବିଭାଗୀୟ ଅଧିକାରୀ ଗାଁରେ ପହଞ୍ଚି ଆସନ୍ତା ବୁଧବାର ମଧ୍ୟରେ ପାଣି ସମସ୍ୟା ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଆସନ୍ତା ୭ ଦିନ ମଧ୍ୟରେ ଗାଁରେ ପାଣି ସମସ୍ୟାର ସମାଧାନ ନ ହେଲା ବାଧ ହୋଇ ଟିଟିଲାଗଡ଼ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



# ଚିକିତ୍ସା ଅବହେଳାରୁ ନବଜାତକର ମୃତ୍ୟୁ ଅଭିଯୋଗ

**କଣ୍ଟାବାଞ୍ଜି, ୨୭।୫(ସମିସ):** ଚିକିତ୍ସା ଅବହେଳାରୁ ଏକ ନବଜାତକର ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ରାମୋଡ ଗାଁରେ। ସେହି ଗାଁର ମହିଳା



ମଧୁସ୍ମିତା ସାହୁଙ୍କୁ ଗର୍ଭଯନ୍ତ୍ରଣା ହେବାରୁ ସେ କଣ୍ଟାବାଞ୍ଜି ଡାକ୍ତରଖାନକୁ ଗତ ୨୨ ତାରିଖରେ ଆସିଥିଲେ। ହେଲେ ଏଠାରେ ଡାକ୍ତର ନ ଥିବା ଯୋଗୁଁ ମଧୁସ୍ମିତା ବେଲପଡ଼ା ଡାକ୍ତରଖାନା ଯାଇ ଚିକିତ୍ସା ହେବାପାଇଁ ଯାଇଥିଲେ। ସେଠାରୁ ମଧ ଉପଯୁକ୍ତ ଚିକିତ୍ସା ନପାଇବାରୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନା ଯାଇଥିବାବେଳେ ଆଜି ସେଠାରେ ନବଜାତକର ମୃତ୍ୟୁ ହୋଇଥିବା ମହିଳାଙ୍କ ସ୍ୱାମୀ ଶ୍ୱେତବନ୍ଧୁ ଗଡ଼ତିଆ ଅଭିଯୋଗ କରିଛନ୍ତି। ଶିଶୁଟି ଜନ୍ମହେବା ପୂର୍ବରୁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିବା ସେ କହିଛନ୍ତି। କଣ୍ଟାବାଞ୍ଜି ଡାକ୍ତରଖାନାରେ ଯଦି ଚିକିତ୍ସା ହୋଇଥାନ୍ତା ତେବେ ନବଜାତ ଶିଶୁର ଜୀବନ ବଞ୍ଚି ଯାଇଥାନ୍ତା ବୋଲି ଶ୍ୱେତବନ୍ଧୁ ଗଡ଼ତିଆ ଅଭିଯୋଗ କରିଛନ୍ତି।

# ବନ୍ଦ ରହୁଛି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ

**ବୌଦ୍ଧ, ୨୭।୫(ସମିସ):** ବୌଦ୍ଧରେ ଥିବା ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅନେକ ସମୟରେ ବନ୍ଦ ରହୁଛି। ଏହା ଫଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରାଳୟ ଦ୍ୱାରା ଭାରତୀୟ ଡାକ ବିଭାଗ ଅଧୀନରେ ୨୦୧୭ରେ ଗଠନ ହୋଇଥିବା ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ୨୦୧୮ରେ ଆରମ୍ଭ ହୋଇଥିଲା। ବ୍ୟାଙ୍କିଙ୍ଗ ସେବାଠାରୁ ଦୂରରେ ଥିବା ସାଧାରଣ ଲୋକଙ୍କୁ ସହଜ, ସୁବିଧା ଏବଂ ବିଶ୍ୱସନୀୟ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇଦେବା ସହିତ ସେମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ କରାଯାଇ ସଶକ୍ତ କରିବା ଉଦ୍ଦେଶ୍ୟରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ପରିକଳ୍ପନା କରାଯାଇଥିଲା। ଏହି ଯୋଜନାରେ ବୌଦ୍ଧ ମୁଖ୍ୟ ଡାକଘର ପରିସରରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶାଖା ଖୋଲାଯାଇଛି। ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶାଖା ଖୋଲା ରହେ ବୋଲି ସୂଚନା ମଧ ଲେଖାଯାଇଛି। ତେବେ କାର୍ଯ୍ୟ ଦିବସରେ ଅନେକ ସମୟରେ ଏହା ବନ୍ଦ ରହୁଛି। ଏହା ଫଳରେ ଦୂର ଦୁରାନ୍ତରୁ ଆସୁଥିବା ଉପଭୋକ୍ତା ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଗ୍ରାମାଞ୍ଚଳରୁ ଆସୁଥିବା ଉପଭୋକ୍ତା ଏଠାରେ ଖୋଲା ଆକାଶ ତଳେ ଅପେକ୍ଷା କରି କରି ନିରାଶ ହୋଇ ଫେରୁଛନ୍ତି। ଏପରିକି କୌଣସି ସୂଚନା ଦେବାର ବ୍ୟବସ୍ଥା ନ ଥିବା ହେତୁ ଉପଭୋକ୍ତାଙ୍କୁ ଅଯଥାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏହି ଶାଖାରେ ସଞ୍ଚୟ ଓ ଚାଲୁ ଜମା ଖାତା ଖୋଲିବା, ତତ୍କାଳ ଫଣ୍ଡ ଟ୍ରାନ୍ସଫର, ଆଧାର ଦ୍ୱାରା





ଯେକୌଣସି ବ୍ୟାଙ୍କ ଖାତାରୁ ତତ୍କାଳ ଟଙ୍କା ଉଠାଣ, ଜୀବନ ବୀମା, ସାଧାରଣ ବୀମା, ପେନସନ ଉପଭୋକ୍ତାଙ୍କ ଜୀବନ ପ୍ରମାଣପତ୍ର ପ୍ରଦାନ ଭଳି ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ହେଉଛି। ସେହିପରି ଡିଜିଟାଲ ପେମେଣ୍ଟ ପାଇଁ ୟୁପିଆଇ ପେ ସେବା, ଇ-ବାଣିଜ୍ୟ ତଥା ଅନଲାଇନ ସପିଙ୍ଗ ପାଇଁ ଭର୍ଚୁଆଲ ଡେବିଟ କାର୍ଡ, ବିଭିନ୍ନ ବିଲ୍ ଦେୟ, ଆଧାର ଅପଡେଟ, ଆର୍‌ଡି ବଦଳରେ ଋଣ, ସୁକନ୍ୟା ସମୃଦ୍ଧି ଯୋଜନା, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ପାଇଁ ଦେୟ ପ୍ରଦାନ ଭଳି ଡିଜିଟାଲ ସେବା ମଧ ଏହି ଶାଖାରେ ଉପଲବ୍ଧ। ତେବେ ଶାଖା ଅଧିକାରୀଙ୍କ ଏଭଳି ଖାମଖିଆଲୀ ମନୋଭାବ ଯୋଗୁଁ ସରକାରଙ୍କ ଏଭଳି ଏକ ଲୋକାଭିମୁଖୀ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଏନେଇ ଫୁଲବାଣୀସ୍ଥିତ ଡାକ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ପାଢ଼ୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ପ୍ରକାଶ କରିଥିଲେ।

## ■ ଜନତାଙ୍କ ମ୍ୟାଜିକ୍‌କୁ ଧରିପାରୁ ନାହାନ୍ତି ନେତା ଓ କର୍ମୀ

# କାହାମୁଣ୍ଡରେ ହାତୀ ଢାଳିବ ସୁନା କଳସ

**ହରଭଙ୍ଗା, ୨୭।୫(ସମିସ)**

ବୌଦ୍ଧ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ ମେ ୨୦ ତାରିଖରେ ଜିଲ୍ଲାବାସୀ ନିଜର ମତ ସାବ୍ୟସ୍ତ କରି ସାରିଛନ୍ତି। ଏବେ ଫଳାଫଳକୁ ଅପେକ୍ଷା। ଜୁନ୍ ୪ରେ ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ଭୋଟ ଗଣତି ହେବ। କିନ୍ତୁ ନିର୍ବାଚନ ପୂର୍ବରୁ ଯେମିତି ବିଭିନ୍ନ ଦଳର ପ୍ରଚାରପ୍ରସାର ପାଇଁ ଗାଁ ଠୁ ସହରବଜାର ଉତ୍ସବ ପରି ମନେ ହେଉଥିଲା, ସେହିପରି ମତଦାନ ପରେ ମଧ ଚାହା ଦୋକାନ ଠୁ ଆରମ୍ଭ କରି ବିଭିନ୍ନ ମହଲରେ ଗୋଟିଏ ଚର୍ଚ୍ଚା କିଏ କେତେ ଭୋଟ ହାତେଇବ। ଚଳିତ ନିର୍ବାଚନରେ ବୌଦ୍ଧ ଜିଲ୍ଲାର ଦୁଇଟି ବିଧାନସଭା ଆସନ ପାଇଁ ଉଭୟ ନିର୍ବାଚନମଣ୍ଡଳୀର ୩୩୫୪୮୮ ଭୋଟରଙ୍କ ମଧ୍ୟରୁ ମୋଟ ୨୭୭୫୧୩ ଜଣ ମତଦାନ କରିଥିବା ବେଳେ ସମଗ୍ର ଜିଲ୍ଲାରେ ଭୋଟ ହାର ୮୨.୭୨ ପ୍ରତିଶତ ହୋଇଛି। ଅନ୍ୟପଟେ ବୌଦ୍ଧ ନିର୍ବାଚନମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହିଥାଏ। କାରଣ ଓଡ଼ିଶାର ଜଣେ ପୁରୁଖା ନେତା କୁହାଯାଉଥିବା ପ୍ରଦୀପ ଅମାତ ଯିଏକି ପାଞ୍ଚ ପାଞ୍ଚ ଥର ବିରୋଧୀଙ୍କୁ ପଛରେ ପକାଇ ନିର୍ବାଚନ ବୈତରଣୀ ପାର ହୋଇ ଓଡ଼ିଶା





ସରକାରରେ ବଡ଼ପଦବୀରେ ଦାୟିତ୍ୱ ସମ୍ଭାଳି ଆସିଛନ୍ତି। ଏପଟେ ପ୍ରଦୀପଙ୍କୁ ସର୍ବଦା କଡ଼ା ଟକ୍କର ଦେଇଆସୁଥିବା ବିରୋଧୀ ଅନେକ ଥର ନିରାଶ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଛି। କିନ୍ତୁ ଚଳିତ ବର୍ଷ ଭୋଟରଙ୍କ ଭୋଟହାର ବଢ଼ିଛି। ବୌଦ୍ଧ ବିଧାନସଭା କ୍ଷେତ୍ର ମତଦାନକୁ ଦେଖିଲେ ୧୬୭୪୬୧ ଭୋଟରଙ୍କ ମଧ୍ୟରୁ ୧୩୫୫୫୬ ଜଣ ମତଦାନ କରିଛନ୍ତି ଅର୍ଥାତ ୮୧.୪୩ ପ୍ରତିଶତ ହୋଇଛି। ଚଳିତଥର ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଲଢେଇ ହେଉଥିଲେ ମଧ ରାଜନୀତି ରଣାଙ୍ଗନାରେ ବିଶେଷ କରି ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। କାରଣ କଂଗ୍ରେସ ତାର ନିର୍ବାଚନମଣ୍ଡଳୀରେ କେତେକ ସ୍ଥାନରେ ନିଜର ଏଜେଣ୍ଟ ମଧ ଦେଇ ପାରି ନ ଥିବା ନେଇ ରାଜନୀତିକ କ୍ଷେତ୍ରରେ ଆଲୋଚନା ହେଉଛି। ତଥାପି କଂଗ୍ରେସ କିଛି ଭୋଟ ନିଜ ପକେଟକୁ ନେଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ସର୍ବଦା ବୌଦ୍ଧ ନିର୍ବାଚନମଣ୍ଡଳୀବାସୀ ନବୀନ ଗ୍ୟାରେଣ୍ଟି ଓ ପ୍ରଦୀପ ବାବୁଙ୍କୁ ବିଶ୍ୱାସ କରି ବାରମ୍ବାର ଜିତାଇ ଆସିଛନ୍ତି। ବୌଦ୍ଧରେ ପ୍ରଦୀପ ଅମାତ ଷଷ୍ଠଥର ବିଧାୟକ ହେବେ ବୋଲି ସମସ୍ତେ ଆଶାବାଦୀ। ଏସବୁ ଭିତରେ ଉଭୟ ଦଳର ଲଢେଇକୁ ନେଇ ଜନତା ଜନାର୍ଦ୍ଦନ କୁହାଯାଉଥିବା ଭୋଟରମାନେ ନୂତନ ମ୍ୟାଜିକ ଆପଣେଇଛନ୍ତି। ନେତା ଓ କର୍ମୀମାନେ ସଠିକ ଭାବେ ଜନତାଙ୍କ ଖେଳକୁ ଧରି ପାରୁନାହାନ୍ତି। ଏପଟେ ପ୍ରଦୀପ ଅମାତ ହଜାର ହଜାର ଭୋଟରେ ବିଜୟ ସୁନିଶ୍ଚିତ ବୋଲି କର୍ମୀଙ୍କୁ ଉତ୍ସାହ ଦେଖାଉଥିବା ବେଳେ ଅନ୍ୟପଟେ ବିଜେପି ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି ବିପୁଳ ପରିମାଣରେ ଉଭୟ ନିର୍ବାଚନମଣ୍ଡଳୀରେ ବିଜେପି ଆସନ ଦଖଲ କରିବ ବୋଲି ସୋସିଆଲ ମିଡିଆରେ ପ୍ରଚାର କରୁଛନ୍ତି। ତେବେ ଏହି କଳ୍ପନାଜଳ୍ପନାର ଅନ୍ତଃ ହେବ ଜୁନ ୪ ତାରିଖରେ।

## କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା

# କ୍ଷେତ୍ର ପରିଦର୍ଶନ ବାହାନାରେ ଅଧିକାରୀ ଅନୁପସ୍ଥିତ

**ଶଗଡ଼ା, ୨୭।୫(ସମିସ):** ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସରକାର କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ସେବା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି; ହେଲେ ଉକ୍ତ କାର୍ଯ୍ୟାଳୟ ଖୋଲା ନ ଥିବା ବେଳେ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଥିବା କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟରେ ଏହା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟଟି ପ୍ରାୟ



୨ ମାସରୁ ଅଧିକ ହେବ ବନ୍ଦ। ଏଣୁ ଦୂର ଦୂରାନ୍ତରୁ ଚାଷୀ ଖରାରେ ଆସି ନିରାଶ ହୋଇ ଫେରୁଛନ୍ତି। କାର୍ଯ୍ୟାଳୟରେ ନିଯୁକ୍ତି ଥିବା ଦୁଇ ଅଧିକାରୀ କ୍ଷେତ୍ର ପରିଦର୍ଶନ ବାହାନା କରି ଲଗାତାର ଅନୁପସ୍ଥିତ ରହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଦୀର୍ଘ ମାସ ବ୍ୟାପି କାର୍ଯ୍ୟାଳୟ ଖୋଲା ନ ଥିବା ବେଳେ ଅପରିଷ୍କାର ରହୁଥିବା ସହ ଅନେକ ଅନାବନା ଗଛଲତା ସବୁ ଉଠି ଗଲାଣି। ଅଫିସକୁ ଦେଖିଲେ ସ୍ୱଚ୍ଛତା ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବୌଦ୍ଧ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ ଦୁଇ ଜଣ ଅଧିକାରୀ ନିଯୁକ୍ତ ଥିବା ବେଳେ ସେମାନେ କ୍ଷେତ୍ର ପରିଦର୍ଶନ କରୁଥିବାରୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ନେଇ ସଫେଇ ଦେଇଛନ୍ତି।

**ହଇରାଣ ହେଉଛନ୍ତି ଚାଷୀ**

